
# ପ୍ରେରଣା

ମାସିକ ଓଡିଆ ସାହିତ୍ୟ ଇ-ପତ୍ରିକା

ଅପ୍ରେଲ, ୨୦୧୯

ସପ୍ତମ ସଂସ୍କରଣ



ପ୍ରତିଷ୍ଠାତା

ଲଳିତ କବି ଧ୍ରୁବ ଚରଣ ସ୍ୱାଇଁ

# ପ୍ରେରଣା

## ମାସିକ ଓଡିଆ ସାହିତ୍ୟ ଇ-ପତ୍ରିକା

## ଅପ୍ରେଲ,୨୦୧୯ । ସପ୍ତମ ସଂସ୍କରଣ



ଭାଷା,ସାହିତ୍ୟ ଓ ଭାବନାର ମଧୁର ମିଳନ

**ପ୍ରତିଷ୍ଠାତା**

ଲଳିତ କବି ଧ୍ରୁବ ଚରଣ ସ୍ୱାଇଁ
ଜହ୍ନିତଇଳା, ବାରଦା,
ଢେଙ୍କାନାଳ

**ସମ୍ପାଦକ**

ଶ୍ରୀ ଦେବୀ ପ୍ରସାଦ ସ୍ୱାଇଁ
ଜହ୍ନିତଇଳା, ବାରଦା,
ଢେଙ୍କାନାଳ

8908279130

8908279130

emagazineprerana@gmail.com

www.facebook.com/preranaodia/

# ଛବିଟିଏ ପାଇଁ ପଦଟିଏ

"ଛବିଟିଏ ପାଇଁ ପଦଟିଏ" ପ୍ରତିଯୋଗିତାର ଅପ୍ରେଲ,୨୦୧୯ ସଂସ୍କରଣ ଇତି ମଧ୍ୟରେ ସମାପ୍ତ ହୋଇଅଛି । ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ସମସ୍ତ ଲେଖକ/ଲେଖିକା ମାନଙ୍କୁ "ପ୍ରେରଣା ପରିବାର" ତରଫରୁ ଅଶେଷ ଧନ୍ୟବାଦ । ପ୍ରିୟ ଲେଖକ/ଲେଖିକା ମାନଙ୍କର ଲେଖନୀ ଦୀର୍ଘଜୀବୀ ହେଉ ଏହା ଇଶ୍ୱରଙ୍କ ନିକଟରେ ପାର୍ଥନା ।

"ଛବିଟିଏ ପାଇଁ ପଦଟିଏ" ଅପ୍ରେଲ,୨୦୧୯ ସଂସ୍କରଣର ବିଜୟନୀ ଲେଖିକା ଜଗଜିତା ଦାଶଙ୍କୁ ଅଭିନନ୍ଦନ I ଲେଖିକାଙ୍କ କଲମରୁ...

ପ୍ରାକୃତିକ ସୌନ୍ଦର୍ଯ୍ୟ ଭରା ପୃଥିବୀ ଆମର
ସବୁଠୁ ନିଆରା ସତେ ସବୁଠୁ ସୁନ୍ଦର ।

ନାଚି ନାଚି ଝରୁଥାଏ ଝରଣା ଖୁସିରେ
ଝରି ଝରି ମିଶିଯାଏ ନଦୀର ବୁକୁରେ ।

ବଣ ଜଙ୍ଗଲ ଭରା ଆମ ଏ ପ୍ରକୃତି
ମନେ ସେ ପକାଏ ପୁରୁଣା ସଂସ୍କୃତି ।



ଜଗଜିତା ଦାଶ

# ଉପକ୍ରମ

ପ୍ରାରମ୍ଭରୁ ଓଡିଆ ସାହିତ୍ୟ ପ୍ରତି ବିଶେଷ ଦୁର୍ବଳତା ନଥିଲେ ମଧ୍ୟ, କିଞ୍ଚିତ୍ ଜିଜ୍ଞାସା ନିଶ୍ଚୟ ଥିଲା | ଯେବେ କେବେବି ବାପାଙ୍କର ଲେଖା କିଛି ପଢେ, ତାଙ୍କ ସୃଜନଶୀଳତା ଓ ସାହିତ୍ୟର ବୈସ୍ତୃତ୍ୟ ଦେଖି ଅତି ବିସ୍ମିତ ଲାଗେ | ତାଙ୍କ ଲେଖା ପରି ସୁନ୍ଦର ସାହିତ୍ୟ, ଲୋକଲୋଚନରୁ ଅଦୃଷ୍ଟ ରହିଗଲା କେବଳ ସୁଯୋଗ ଏବଂ ପ୍ରୋତ୍ସାହନ  ଅଭାବରୁ | ତାଙ୍କ ପରି ଅନେକ ସାହିତ୍ୟ ସାଧକ ବଣମଲ୍ଲୀ ପରି ବଣରେ ଫୁଟି ନିଜର ସୁଗନ୍ଧ ଚତୁର୍ପାର୍ଶ୍ୱରେ ପ୍ରସାରିତ କରିବା ପୂର୍ବରୁ ଝଡି  ଯାଉଛନ୍ତି |

ଓଡିଆ ସାହିତ୍ୟର ସେହି ଲୁକ୍କାୟିତ ତଥା ଅପ୍ରସଂଶିତ ସ୍ରଷ୍ଟା ମାନଙ୍କୁ ସୁଯୋଗ ଦେବା ଏବଂ ସେମାନଙ୍କର ଅପ୍ରକାଶିତ ରଚନା ଗୁଡିକୁ ଲୋକ ଲୋଚନକୁ ଆଣିବା ପାଇଁ ଏକ ମାଧ୍ୟମ ପ୍ରଦାନ କରିବାର ଏକ କ୍ଷୁଦ୍ର ପ୍ରଚେଷ୍ଟା "ପ୍ରେରଣା" | ଯେକୌଣସି ପ୍ରତିକୂଳ ପରିସ୍ଥିତିରେବି, ନିର୍ଭୀକ ଭାବରେ ନିଜର କର୍ମ କରି ଚାଲିବା ପାଇଁ, ବାପାଙ୍କ ଠାରୁ ଯେଉଁ ପ୍ରେରଣା ମିଳିଥିଲା, ସେହି ପ୍ରେରଣାକୁ ସାହିତ୍ୟ ପ୍ରେମୀ ବନ୍ଧୁ ମାନଙ୍କ ସହ ପ୍ରସାର କରି ଓଡିଆ ଭାଷା ସାହିତ୍ୟ ପ୍ରତି ନିଜର ସାମାନ୍ୟ ଅନୁଦାନ ଅର୍ପଣ କରିବା ପାଇଁ ହିଁ "ପ୍ରେରଣା"ର ସୃଷ୍ଟି |

ଏହି ମାଧ୍ୟମଟି ଆପଣଙ୍କୁ ସାମାନ୍ୟତମ ପ୍ରୋତ୍ସାହନ ପ୍ରଦାନ କଲେ ମୋର ଶ୍ରମ ସାର୍ଥକ ହେବା ଆଶାକରେ |

**ସମ୍ପାଦକ**

ପ୍ରେରଣା

ମାସିକ ଓଡିଆ ସାହିତ୍ୟ ଇ-ପତ୍ରିକା

# ସହୃଦୟ ପାଠକ ପାଠିକା ମାନଙ୍କ ପ୍ରତି...

ପ୍ରେରଣା ଇ-ପତ୍ରିକାକୁ ଶତ-ପ୍ରତିଶତ ନିର୍ଭୁଲ ଭାବରେ ପ୍ରକାଶ କରିବା ପାଇଁ ଆମ୍ଭେମାନେ ଚେଷ୍ଟିତ । ଯେହେତୁ ଏହା ଲେଖକ/ଲେଖିକା ମାନଙ୍କର ନିଜସ୍ୱ ସୃଷ୍ଟିର ଏକ ସଂକଳନ ମାତ୍ର, ସେମାନଙ୍କର ଭାବ ଏବଂ ସାହିତ୍ୟିକ ତ୍ରୁଟିକୁ ପରିବର୍ତ୍ତନ କରିବା ସମ୍ଭବପର ନୁହେଁ I ଆମ୍ଭେ କେବଳ ଭାଷାଗତ ଏବଂ ଶବ୍ଦଗତ ତ୍ରୁଟିକୁ ସୁଧାରିବା ପାଇଁ ପ୍ରୟାସ କରିଛୁ । ଏହି ସବୁ ସତ୍ତ୍ୱେ ଯଦି କିଛି ବ୍ୟାକରଣଗତ ତ୍ରୁଟି ରହି ଯାଇଥାଏ ତେବେ ତାହା ସହୃଦୟ ପାଠକ ପାଠିକା ତଥା ବିଦଗ୍ଧ-ସାହିତ୍ୟ ସମୀକ୍ଷକମାନଙ୍କର ବିହଙ୍ଗାବଲୋକନରୁ କଦାପି ଲୁଚି ରହି ପାରିବ ନାହିଁ, ତେଣୁ ସର୍ବାଦୌ ସେମାନଙ୍କ ନିକଟରେ ତ୍ରୁଟି ଜଣାଇଁ କ୍ଷମା ଭିକ୍ଷା କରୁଅଛି I ଏହି ପତ୍ରିକାରେ ଯଦି ସେପରି କୌଣସି ଧର୍ମ ବହିଃର୍ଭୂତ ତଥା ବିରୋଧୀ ତତ୍ତ୍ୱ ପ୍ରକାଶ ପାଇଥାଏ ତେବେ ତାହା ଜଣାଇଲେ ତ୍ରୁଟି ମାର୍ଜନା ପ୍ରତି ଯତ୍ନବାନ ହେବୁ I

**ସମ୍ପାଦକ**

**ପ୍ରେରଣା**

ମାସିକ ଓଡିଆ ସାହିତ୍ୟ ଇ-ପତ୍ରିକା

# କୃତଜ୍ଞତା ଜ୍ଞାପନ

ମୋର ପ୍ରିୟ ବନ୍ଧୁ ଶ୍ରୀ ବିଭୁଶ୍ରୀ ମିଶ୍ର, ଶ୍ରୀ ସନ୍ତୋଷ ସାଗର ମିଶ୍ର, ଶ୍ରୀ ସନାତନ ସାହୁ, ଲାଇବ୍ରେରୀଆନ ଶ୍ରୀ ହୃଦୟାନନ୍ଦ ପଧାନ, ଶ୍ରୀ ଚନ୍ଦ୍ର ଶେଖର ଖଟୁଆ ଓ ଶ୍ରୀ ଆର୍ଯ୍ୟେନ୍ଦୁ ପଟ୍ଟନାୟକ ପ୍ରମୁଖ ଯେଉଁ ମହୋଦୟ ମାନଙ୍କ ପ୍ରେରଣା ଓ ସାହାଯ୍ୟ ଆଜି ମୋତେ ମୋ ଗନ୍ତବ୍ୟ ପଥରେ ଆଗେଇ ନେଉଛି ସେମାନଙ୍କ ନିକଟରେ ମୁଁ ଆନ୍ତରିକ କୃତଜ୍ଞତା ଜ୍ଞାପନ କରୁଅଛି ।

ଏତଦ୍‌ବ୍ୟତୀତ ପ୍ରଚ୍ଛଦପଟ୍ଟ ଶିଳ୍ପୀ କୁମାରୀ ଶୁଭଶ୍ରୀ ପଣ୍ଡା ପତ୍ରିକାର ପ୍ରଚ୍ଛଦପଟ୍ଟଟି ଅତି ସୁନ୍ଦର ଭାବେ ଚିତ୍ରଣ କରିଥିବାରୁ ତାଙ୍କ ନିକଟରେ ମୁଁ କୃତଜ୍ଞତା ଜ୍ଞାପନ କରୁଅଛି ।

। ଇତି ।

**ସମ୍ପାଦକ**

# ପ୍ରେରଣା ଇ-ପତ୍ରିକା ପ୍ରକାଶନର ନିୟମାବଳୀ :

- ପ୍ରେରଣା ଇ-ପତ୍ରିକା ଏକ ମାସିକ ସଂସ୍କରଣ ହୋଇଥିବାରୁ ପ୍ରିୟ ଲେଖକ/ଲେଖିକା ମାନେ ପ୍ରତି ମାସରେ ପ୍ରକାଶଯୋଗ୍ୟ ନିଜସ୍ୱ ଲେଖା ପଠାଇ ପାରିବେ ।
- ପ୍ରକାଶନ ପାଇଁ ପ୍ରେରିତ ଲେଖା ଗୁଡିକର ନକଲକୁ ଲେଖକ/ଲେଖିକା ମାନେ ନିଜ ପାଖରେ ସରଂକ୍ଷିତ କରି ରଖିବା ପାଇଁ ଅନୁରୋଧ । କାରଣ ଅମନୋନିତ ଲେଖା ଗୁଡିକ ଫେରସ୍ତ ହେବାର ବ୍ୟବସ୍ଥା ନାହିଁ ।
- ବର୍ତ୍ତମାନ ପ୍ରେରଣା ଇ-ପତ୍ରିକା ମୁଖ୍ୟତଃ ପଦ୍ୟ ଏବଂ ଗଦ୍ୟ ଏହି ଦୁଇଟି ବିଭାଗ କୁ ନେଇ ଗଠିତ ହୋଇଥିବାରୁ ପ୍ରତି ସଂସ୍କରଣ ପାଇଁ ପ୍ରିୟ ଲେଖକ/ଲେଖିକା ମାନେ ଅତିବେଶିରେ କେବଳ ଦୁଇଟି (ଗୋଟିଏ ଗଦ୍ୟ ଏବଂ ଗୋଟିଏ ପଦ୍ୟ) ଲେଖା ପଠାଇ ପାରିବେ ।
- ପ୍ରିୟ ଲେଖକ/ଲେଖିକା ମାନେ ନିଜସ୍ୱ ଲେଖା ପଠାଇବା ପାଇଁ www.preranaodia.com ରେ ଉପଯୁକ୍ତ ତଥ୍ୟ ପ୍ରଦାନ କରିବା ସହ ନିଜସ୍ୱ ଲେଖା ଅପ୍-ଲୋଡ କରିବା ଆବଶ୍ୟକ ।
- ପ୍ରତି ସଂସ୍କରଣ ପାଇଁ କେବଳ ଏହି ପଞ୍ଜୀକରଣ ଦ୍ୱାରା ଲେଖା ଗ୍ରହଣଯୋଗ୍ୟ ଅଟେ । ସୁତରାଂ ପ୍ରତି ସଂସ୍କରଣ ପାଇଁ ଲେଖକ/ଲେଖିକା ମାନେ ଲେଖାକୁ www.preranaodia.com ରେ ଅପ୍-ଲୋଡ କରିବାକୁ ପଡିବ । ପଞ୍ଜୀକରଣ ସମୟରେ କୌଣସି ତ୍ରୁଟି ପରିଲକ୍ଷିତ ହେଲେ ଆମ ସହ ଯୋଗାଯୋଗ କରିବାକୁ ଅନୁରୋଧ ।
- ପ୍ରିୟ ଲେଖକ/ଲେଖିକା ମାନେ ପଞ୍ଜୀକରଣ ଫର୍ମରେ ପ୍ରଦତ୍ତ ସ୍ଥାନରେ ନିଜସ୍ୱ ଲେଖାକୁ ଓଡିଆ ରେ ଲେଖି ପାରିବେ ।
- ଇ-ମେଲ କିମ୍ବା ହ୍ୱାଟସ୍ଆପ୍ ଦ୍ୱାରା ପ୍ରେରିତ ଲେଖା ଗ୍ରହଣୀୟ ନୁହେଁ । ତେଣୁ ସହୃଦୟ ଲେଖକ/ଲେଖିକା ମାନେ ଲେଖା ପଠାଇବା ପାଇଁ ଏହାର ବ୍ୟବହାର ନକରିବା ପାଇଁ ବିଶେଷ ଅନୁରୋଧ ।

- ପ୍ରିୟ ଲେଖକ / ଲେଖିକା ମାନଙ୍କୁ ବିଶେଷ ଅନୁରୋଧ – ଅନ୍ୟ କୌଣସି ପତ୍ରିକାକୁ ପ୍ରକାଶ କରିବା ପାଇଁ ପଠାଇଥିବା ଲେଖା "ପ୍ରେରଣା" କୁ ପଠାନ୍ତୁ ନାହିଁ କିମ୍ବା "ପ୍ରେରଣା"କୁ ପଠାଇଥିବା ଲେଖା ଅନ୍ୟ କୌଣସି ପତ୍ରିକାକୁ ପଠାନ୍ତୁ ନାହିଁ ।
- ଲେଖା ଚୟନ କେବଳ ସମ୍ପାଦନା ମଣ୍ଡଳୀ ଦ୍ୱାରା ସ୍ଥିରୀକୃତ ହୋଇଥାଏ । ଲେଖକ/ଲେଖିକା ମାନେ ଏହା ଉପରେ କୌଣସି ଅଭିଯୋଗ ରଖିପାରିବେ ନାହିଁ । ଲେଖାଗୁଡିକ କୌଣସି ଧର୍ମ ବହିଃର୍ଭୂତ ତଥା ବିରୋଧୀ ତତ୍ତ୍ୱ ଉପରେ ଆଧାରିତ ନ ହେବା ଆବଶ୍ୟକ ।
- ପ୍ରେରଣା ଇ-ପତ୍ରିକାରେ ପ୍ରକାଶିତ ଲେଖା ତଥା ଏହାର ୱେବସାଇଟ ରେ ପ୍ରଦତ୍ତ ତଥ୍ୟ ସମ୍ପାଦକଙ୍କ ଅନୁମତି ବିନା କୌଣସି ପତ୍ର-ପତ୍ରିକା ରେ ପ୍ରକାଶିତ ହେବା ଅପରାଧ ବୋଲି ବିବେଚନା କରାଯିବ । ସୁତରାଂ ଏଥି ନିମନ୍ତେ ସମ୍ପାଦକଙ୍କ ଠାରୁ ଲିଖିତ ଅନୁମତି ଆବଶ୍ୟକ ।
- ଏହି ପତ୍ରିକାରେ ପ୍ରକାଶିତ ସମସ୍ତ ଲେଖା ଉଭୟ ପ୍ରକାଶକ ଏବଂ ଲେଖକ/ଲେଖିକା ମାନଙ୍କ ପାଖରେ ସର୍ବଦା ସଂରକ୍ଷିତ । ତେଣୁ ନିଜସ୍ୱ ଲେଖା କୁ ସୋସିଆଲ ମିଡିଆ/ନେଟୱର୍କରେ ପ୍ରଚାର ଏବଂ ପ୍ରସାର ନିମନ୍ତେ ସେୟାର୍ କରିବାର ସମ୍ପୂର୍ଣ ଅଧିକାର ପ୍ରିୟ ଲେଖକ/ଲେଖିକା ମାନଙ୍କର ଅଛି ।

ପ୍ରେରଣା ଇ-ପତ୍ରିକାରେ ପ୍ରକାଶିତ ସମସ୍ତ ଲେଖା, ଲେଖକ/ଲେଖିକା ମାନଙ୍କର ନିଜସ୍ୱ ସୃଷ୍ଟି ହୋଇଥିବାରୁ ଯେକୌଣସି ବାଦାନୁବାଦ ପାଇଁ କେବଳ ଲେଖକ/ଲେଖିକା ମାନେ ଉତ୍ତରଦାୟୀ ରହିବେ । ଏଥିରେ ପ୍ରକାଶକ, ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ରହିବ ନାହିଁ ।

# ସଂପାଦକୀୟ...

**ପ୍ରିୟ ସାହିତ୍ୟ ପ୍ରେମୀ,**

ଯେଉଁ କେତେଜଣ ସାହିତ୍ୟକଙ୍କ ଅନନ୍ୟ ସୃଷ୍ଟି ଓଡିଆ ସାହିତ୍ୟଜଗତକୁ ଋଦ୍ଧିମନ୍ତ କରିଛି ସେମାନଙ୍କ ମଧ୍ୟରେ ଆଧୁନିକ ସାହିତ୍ୟର ଯୁଗସ୍ରଷ୍ଟା କବିବର ରାଧାନାଥ ରାୟ ଅନ୍ୟତମ I ସେ ଥିଲେ ପ୍ରଚଣ୍ଡ ପ୍ରତିଭାର ଅଧିକାରୀ । ଭାଷାର ଗାମ୍ଭୀର୍ଯ୍ୟ ଓ ଭାବର ସଂପ୍ରସାରଣ ଥିଲା ତାଙ୍କ ରଚନାର ଅନ୍ୟତମ ବୈଶିଷ୍ଟ୍ୟ । ତାଙ୍କ କବିତାର ପ୍ରତ୍ୟେକାଂଶରେ କମନୀୟ-କାନ୍ତି ଉତ୍କଳୀ-ପ୍ରକୃତିର ବର୍ଣ୍ଣନା ପରିଦୃଷ୍ଟ ହୁଏ । ସେହି କାଳଜୟୀ କବିଙ୍କ ପୂର୍ଣ୍ୟତିଥି ଅବସରରେ ତାଙ୍କ କାବ୍ୟକୃତିର ସ୍ମୃତିଚାରଣ କରିବା ଅତ୍ୟନ୍ତ ଆନନ୍ଦ ତଥା ସୌଭାଗ୍ୟର ବିଷୟ ।

କବି ରାଧାନାଥ ରାୟ ବାଲେଶ୍ୱର ଜିଲ୍ଲାସ୍ଥିତ କେଦାରପୁର ଗ୍ରାମରେ ୧୮୪୮ ମସିହା ସେପ୍ଟେମ୍ବର ମାସ ୨୮ ତାରିଖରେ ଏକ ଜମିଦାର ପରିବାରରେ ଜନ୍ମ ଗ୍ରହଣ କରିଥିଲେ । ଜନ୍ମର ମାତ୍ର ୫ ବର୍ଷ ବୟସରେ ମାତା ତାରଣୀ ଦାସୀଙ୍କର ପରଲୋକ ପ୍ରାପ୍ତି ହୋଇଥିଲା । ୬ ବର୍ଷ ବୟସରେ ଗ୍ରାମ ପାଠଶାଳାରେ ପାଠପଢା ଜୀବନ ଆରମ୍ଭ ହୋଇଥିଲେ ମଧ ନିଜର କ୍ଷୀଣ ଓ ରୁଗ୍ଣ ଶରୀର ତାଙ୍କ ପାଠପଢାରେ ବିଘ୍ନ ସୃଷ୍ଟି କରୁଥିଲା । ୧୬ ବର୍ଷ ବୟସରେ ସେ ବିଶ୍ୱବିଦ୍ୟାଳୟ ଶିକ୍ଷାଲାଭ ପାଇଁ କଲିକତା ଗଲେ କିନ୍ତୁ ଅର୍ଥାଭାବ ଓ ଶରୀର ପୀଡା ତାଙ୍କୁ ଉଚ୍ଚଶିକ୍ଷା ଲାଭରୁ ବଞ୍ଚିତ କରିଥିଲା । ସେଠାରୁ ମାତ୍ର ଏକ ମାସ ପରେ ସେ ପୁନଶ୍ଚ ବାଲେଶ୍ୱର ପ୍ରତ୍ୟାଗମନ କରିଥିଲେ । ଏହାପରେ ତାଙ୍କର ଶିକ୍ଷକତା ଜୀବନର ଆରମ୍ଭ ହୋଇଥିଲା ।

କବିଙ୍କୁ ମାତ୍ର ୧୮ ବର୍ଷ ବୟସ ବେଳେ ସେ ତାଙ୍କର ପ୍ରଥମ କ୍ଷୁଦ୍ରକାବ୍ୟ "କବିତାବଳୀ" ବଙ୍ଗଳାରେ ରଚନା କରିଥିଲେ । ଯାହାକି ସେ ସମୟରେ ବଙ୍ଗଳା ପତ୍ରିକା "ଅମୃତ ବଜାର"ରେ ପ୍ରକାଶିତ ହୋଇ ବହୁ ଲୋକପ୍ରିୟ ହୋଇଥିଲା । ତାଙ୍କର ଓଡିଆରେ ଏକ କ୍ଷୁଦ୍ର ନବନ୍ୟାସ "ଇତାଲୀୟ ଯୁବା" ଓ କିଛି ପ୍ରବନ୍ଧ ସେ ସମୟରେ "ଉତ୍କଳ ଦର୍ପଣ" ରେ ପ୍ରକାଶିତ ହୋଇଥିଲା । "କବିତାବଳୀ"

ପରେ  ମହାରାଜ ବୈକୁଣ୍ଠନାଥ ଦେ ବାହାଦୂରଙ୍କ ସାହାଯ୍ୟରେ କବି ଓଡିଆ ମେଘଦୂତ ପ୍ରକାଶ କରିଥିଲେ । ଫଳତଃ ମହାରାଜ ବୈକୁଣ୍ଠନାଥହିଁ ରାଧାନାଥଙ୍କ ଓଡିଆ କବିତା ରଚନାର ସର୍ବପ୍ରଥମ ଉତ୍ସାହଦାତା । କବିଙ୍କ ରଚୟିତ "ଚିଲିକା" କାବ୍ୟରେ ଉପଧାମିଳନ ନିୟମ ସହିତ ରୂପକ ଓ ବିବିଧ ଅଳଙ୍କାରର ପ୍ରୟୋଗ ପରିଲକ୍ଷିତ ହୁଏ ।

ଉତ୍କଳ-କମଳା- ବିଳାସ-ଦୀର୍ଘିକା
ମରାଳ ମାଳିନୀ ନୀଳାମ୍ବୁ ଚିଲିକା ।
ଉତ୍କଳର ତୁହି ଚାରୁ ଅଳଙ୍କାର,
ଉତ୍କଳଭୁବନେ ଶୋଭାର ଭଣ୍ଡାର ॥

ସ୍ୱଭାବେ ଭାବୁକ-ମାନସ-ଉଲ୍ଲାସୀ
ଦିଗନ୍ତ-ବିସ୍ତାରୀ ତୋର ବାରିରାଶି ।
ପ୍ରସନ୍ନ ବଦନା ଉତ୍କଳ ବରଣା
ମୁଖଶ୍ରୀ ଦେଖନ୍ତୁ ଯହିଁ ଦିଗଙ୍ଗନା ॥

କେବଳ ଚିଲିକା କାହିଁକି କବିଙ୍କ ରଚିତ "ମେଘଦୂତ", "କବିତାବଳୀ", "କେଦାରଗୌରୀ", "ଚନ୍ଦ୍ରଭାଗା", "ନନ୍ଦିକେଶରୀ", "ଉଷା", "ପାର୍ବତୀ", "ମହାଯାତ୍ରା", "ଯଯାତି କେଶରୀ", "ତୁଳସୀ ସ୍ତବକ", "ଉର୍ବଶୀ", "ଦଶରଥ ବିୟୋଗ " ପ୍ରଭୃତି କାବ୍ୟଗୁଡିକ ତାଙ୍କ ଉଚ୍ଚ କୋଟିର ସାହିତ୍ୟ ସାଧନାର ସ୍ମାରକୀ ।

ପରବର୍ତ୍ତୀ ସମୟରେ ଅବକାଶଭାବ ଓ ଦାରୁଣ ପାରିବାରିକ ଦୁର୍ବିପାକ କବିଙ୍କ ସାହିତ୍ୟାନୁଶୀଳନର ପ୍ରଧାନ ଅନ୍ତରାୟ ହେଲା । "ପାର୍ବତୀ" ରଚନା ସମୟରେହିଁ ଏହି ସମୟ ଆରମ୍ଭ ହୋଇଥିଲା । "ପାର୍ବତୀ"ର ଖଣ୍ଡିତାବସ୍ଥାରୁ ଏହାର ପରିଚୟ ମିଳୁଛି । ସାମାନ୍ୟ ଜ୍ୱର ଓ ଶାରୀରିକ ଦୁର୍ବଳତା ଯୋଗୁଁ ୧୯୦୮ ମସିହା ଅପ୍ରେଲ ୧୭ ତାରିଖରେ ଏହି ମହାନ ଆତ୍ମା ଶରୀର ତ୍ୟାଗକରି ପଞ୍ଚଭୂତରେ ଲୀନ ହୋଇଗଲେ ।

ସଂପ୍ରତି ଛନ୍ଦବିହୀନ ଓ ଦୁର୍ବୋଧ କାବ୍ୟକୃତିମାନ ବୁଦ୍ଧିଜୀବୀ ମହଲରେ ଆଲୋଚିତ ଓ ପର୍ଯ୍ୟାଲୋଚିତ ହେଉଥିଲେହେଁ, ସାଧାରଣ ପାଠକ-ମାନେ ଏ ଧରଣର ସାହିତ୍ୟଠାରୁ ଯଥେଷ୍ଟ ଦୂରରେ I ଏହା ସତ୍ତ୍ୱେ ବି, ସାହିତ୍ୟର ବିବର୍ତ୍ତନକୁ ଆମକୁ ସ୍ୱୀକାର କରି  ସମ୍ମାନ ଦେବାକୁ ପଡିବ I  ଏହିପରି ଦୁର୍ବୋଧ ସାହିତ୍ୟର ଶିକାରରେ ଅଣନିଃଶ୍ୱାସୀ ପାଠକ ଥରେ ଥରେ ପ୍ରାଚୀନ ଓ ଆଧୁନିକ ଯୁଗର କାବ୍ୟକୃତିର ଜୟଗାନ କରିବା ସଙ୍ଗେ ସଙ୍ଗେ ଏ ଯୁଗରେ ସେ ପାରଂପରିକ ରଚନା ଗୁଡିକୁ ପାଠ କରିବା ଉଚିତ୍  I

**ଦେବୀ ପ୍ରସାଦ ସ୍ୱାଇଁ**

**ସମ୍ପାଦକ**

# ସୂଚୀପତ୍ର


| କ୍ର.ସଂ | ବିଷୟ | ଲେଖକ/ଲେଖିକା | ପୃଷ୍ଠା |
|---|---|---|---|
| ୧. | ପ୍ରାର୍ଥନା | ଲଳିତ କବି ଧ୍ରୁବ ଚରଣ ସ୍ୱାଇଁ | ୧୪ |
| **ପଦ୍ୟ ବିଭାଗ** | | | |
| ୨. | ଝରଣା ପ୍ରତି | ଲଳିତ କବି ଧ୍ରୁବ ଚରଣ ସ୍ୱାଇଁ | ୧୬ |
| ୩. | କନ୍ୟା | ଇପ୍ସିତା ରାୟ | ୧୮ |
| ୪. | ପ୍ରାର୍ଥନା | ଅବିନାଶ ବେହେରା | ୧୯ |
| ୫. | ସ୍ୱପ୍ନର କାହାଣୀ | ଅର୍ଘ୍ୟରୂପା ସ୍ୱାଇଁ | ୨୧ |
| ୬. | ଚେନାଏ ହସ | ରୋହିତ ମାଝୀ | ୨୩ |
| ୭. | ଏ ରଙ୍ଗ | ଧୀରେନ ବାଗ | ୨୪ |
| ୮. | ବୋଉ ଯେବେ ବାପା ହୋଇଗଲା | କାଜଲ ସ୍ୱାଇଁ | ୨୫ |
| ୯. | ହସୁ କୋଣାର୍କ ପୁଣି ଆଉଥରେ | ଶିବ ଚରଣ ମହାପାତ୍ର | ୨୭ |
| ୧୦. | ତୁମେ | ସୌମ୍ୟ ରଞ୍ଜନ ସ୍ୱାଇଁ | ୨୯ |
| ୧୧. | ଅତୀତ “ଜୀବନ୍ତ ନା ମୃତ” | ହୃଦୟାନନ୍ଦ ପଧାନ | ୩୧ |
| ୧୨. | ସେ କବିଟିଏ | ଦିଲ୍ଲୀପ କୁମାର ତ୍ରିପାଠୀ | ୩୩ |
| ୧୩. | ସଂସାର | ଜୀବନ ଜ୍ୟୋତି ସାହାଣୀ | ୩୫ |
| ୧୪. | ଅହଲ୍ୟାରାଣୀ | ପ୍ରିୟଦର୍ଶିନୀ ମହାନ୍ତି | ୩୬ |

| | | | |
|---|---|---|---|
| ୧୫. | ମମତାର ବିଚ୍ଛେଦ | ସୁରେସ ଚନ୍ଦ୍ର ରାଉତ | ୩୮ |
| ୧୬. | ନିଶିର ନିଶାରେ | ଅଲେଖ ଚନ୍ଦ୍ର ବେହେରା | ୪୦ |
| ୧୭. | ଆସିଲା ଗ୍ରୀଷମ | ନୂତନ କୁମାର ବେହେରା | ୪୨ |
| ୧୮. | ପ୍ରତିଭା | ଅଜୟ କୁମାର ବେହେରା | ୪୪ |
| ୧୯. | ନିର୍ବାଚନ ଆସିଲେ | ଶଙ୍କର୍ଷଣ କର | ୪୫ |
| ୨୦. | ଜନମ ଚକ୍ର | ଅକ୍ଷୟ କୁମାର ବେହେରା | ୪୭ |
| ୨୧. | ମହୁମାଛି ଠାରୁ ଶିକ୍ଷା | ଗଣେଶ ସାହୁ | ୪୮ |
| ୨୨. | କେଉଠିଁ ଠିକଣା ତୁମ | ମଞ୍ଜୁଲତା ସିଂ | ୪୯ |
| ୨୩. | ଶେଷ ମାଗୁଣି | ରାଧାମୋହନ ମିଶ୍ର | ୫୧ |
| ୨୪. | କବିବର | ଲଳିତ କବି ଧ୍ରୁବ ଚରଣ ସ୍ୱାଇଁ | ୫୩ |


## ଗଦ୍ୟ ବିଭାଗ


| କ୍ର.ସଂ | ବିଷୟ | ଲେଖକ/ଲେଖିକା | ପୃଷ୍ଠା |
|---|---|---|---|
| ୧. | ଶୂନ୍ୟବାଦ ଓ ଗୁରୁବାଦ | ଲଳିତ କବି ଧ୍ରୁବ ଚରଣ ସ୍ୱାଇଁ | ୫୬ |
| ୨. | ବୁରା ନା ମାନୋ ହୋଲି ହେ | ରୋଜା ପଣ୍ଡା | ୫୯ |
| ୩. | ସମୟର ଅନ୍ତରାଳରେ | ସୋନାଲି ସ୍ୱାଇଁ | ୬୪ |
| ୪. | ପିତାମହ | ପ୍ରଶାନ୍ତ କୁମାର ନାୟକ | ୬୬ |
| ୫. | ଅସମ୍ପୂର୍ଣ୍ଣ ଆଶା | ଦେବୀ ପ୍ରସାଦ ସ୍ୱାଇଁ | ୭୫ |

# ପ୍ରାର୍ଥନା

ଲଳିତ କବି ଧ୍ରୁବ ଚରଣ ସ୍ୱାଇଁ

ତୁମେ ତ ଦେଇଛ ଫୁଲରେ ସୁବାସ
ଫଳରେ ମଧୁର ରସ,
ତୁମେ ଫୁଟାଇଛ ଆକାଶରେ ତାରା
ଶିଶୁ ମୁଖେ ମିଠା ହସ  ।
ସାଗରେ ବୁକୁରେ ଦେଇଛ ନୀଳିମା,
ଉଷାର ଅଧରେ ଚାରୁ ପାଟଳିମା,
ସୁଷମାରେ ଭରା ଏ ଶ୍ୟାମଳ ଧରା,
ଦେଖି ହୁଏ ମନ ବଶ  ।୧।

କୁକୁଟ ମୁଣ୍ଡରେ ସୁନ୍ଦର ମୁକୁଟ
କୋକିଳର କଣ୍ଠେ ସୁମଧୁର ଗୀତ,
ତୁମେ ଶିଖାଇଛ କି ସୁନ୍ଦର ନାଚ,
କେକୀ ନାଚେ ଟେକି ପୁଚ୍ଛ  ।
ଚନ୍ଦନେ ଦେଇଛ ଶୀତଳ ସୁଗନ୍ଧ,
ମଳୟ ସମୀର ବହେ ମନ୍ଦ ମନ୍ଦ,
ନଦୀ ଝରଣାର କୁଳୁ କୁଳୁ ଛନ୍ଦ,
ଗାଏ ତୁମ ମହା ଯଶ  ।୨।

ଜହ୍ନିତଇଳା, ଢେଙ୍କାନାଳ

# ପଦ୍ୟ ବିଭାଗ

# ଝରଣା ପ୍ରତି

ଲଳିତ କବି ଧ୍ରୁବ ଚରଣ ସ୍ୱାଇଁ

ଝରଣା ଲୋ ତୁହି ତରତରେ ବହି
ଯାଉଅଛୁ କହ କାହାର ପାଶେ,
କାନନ-ବଧୂର ରତ୍ନହାର ପ୍ରାୟେ
ରୂପଟି ତୋହର  ମନକୁ ଆସେ  I

ବିଜନ କାନନ ହିଂସ୍ର ଜନ୍ତୁ ପୂର୍ଣ୍ଣ
ଭୟକି ତୋହର ଟିକିଏ ନାହିଁ,
ସାନ୍ଦ୍ର ଗିରିଖୋଲ ପାଷାଣ ତଳପେ
ଦିବାନିଶି ଝରୁ କି ଗୀତ ଗାଇ  I

ସୁଲଳିତ ଛନ୍ଦେ କଣ୍ଠରୁ ତୋର
ନିସୃତ  ସଦା ମଧୁ ଝଙ୍କାର,
ତପସ୍ୱିନୀ କଣ୍ଠୁ ନିସୃତ ହୁଏ
ଯେସନେ ଶାଶ୍ୱତ-ପୂତଓଁକାର  I

ପ୍ରିୟ ସହଚରୀ ତଟିନୀ ସଙ୍ଗରେ
ଯାଉତୁ ସାଗର ଦର୍ଶନ ପାଇଁ,
ଟିକିପାଦେ ତୋର ବ୍ୟଥା ହୁଏନି କି
ଏତେ ଦୂର ପଥ ଯାଉ ତୁ ଧାଇଁ  I

କଣ୍ଟା ବନ ଭୂମି ଅତିକ୍ରମି ତୁହି
ନଦୀ-ସାଗରକୁ ଯୋଗାଉ ଜଳ,
ନିଜେ କଷ୍ଟସହି ମହତ ଯେସନେ
ପରକୁ ଦିଅନ୍ତି ସୁଖ-ସମ୍ବଳ  ।

ନିଜସ୍ୱ ଜଳରେ ମହୀୟସୀ ତୁହି
ତୃଷିତ ଜୀବନେ ବିତରୁ ନିତି,
ପରଧନ ହରି ସ୍ୱାର୍ଥ-ପରଜନେ
ଜଗତେ ରଖନ୍ତି ଉଜ୍ଜ୍ୱଳ କୀର୍ତ୍ତି  ।

କ୍ଷୁଦ୍ରହେଲେ ସୁଦ୍ଧା ଗରିୟସୀ ତୁହି
ଜଗତେ ଅତୁଲ୍ୟ ତୋ ମହାଦାନ,
କେତେ ପଶୁପକ୍ଷୀ ତରୁଲତା ଗଣ
କରୁଛନ୍ତି ଆହା ତୋ ଜଳ ପାନ  ।

କ୍ଷୁଦ୍ରର ଦାନ ତ ଅସିମ ସଂସାରେ
କ୍ଷୁଦ୍ର ତ କେବେ ନୁହଁଇ ସାନ,
କ୍ଷୁଦ୍ର ହେଲେ ସୁଦ୍ଧା ଗୁଣ-କର୍ମ ବଳେ
ଜଗତରେ ନର ହୁଏ ମହାନ  ।

**ଜହ୍ନିତଇଳା, ଢେଙ୍କାନାଳ**

# କନ୍ୟା

ଇପ୍ସିତା ରାୟ

କନ୍ୟା ସୁମନ ହୋଇ ଫୁଟେ ଯେବେ ଘରେ
ଖୁସିର ଲହରୀ ମନରେ ନାଚେ
ମହକାଇ ଦିଏ ତାର ଚତୁର୍ପାଶ୍ୱ
ସତେ ଯେପରି ଫୁଲର ବାସ ॥

ଶୁନ୍ୟ ଆକାଶର ସିଏ ଉଜ୍ୱଳ ତାରା
ଆଲୋକ ଦେଉଥାଏ ଜୀବନ ସାରା
ପୁଣି କେତେବେଳେ ସେ ଦୁର୍ଗା ଅହଲ୍ୟା
ଶତ୍ରୁସଂହାର କରି ପାଲଟେ ଦଶଭୁଜା ॥

ପ୍ରଦୀପ ପରି ସେ ନିଜେ ଜଳି
ଆଲୋକ ଦିଏ ଜୀବନ ସାରା
ସେନେହକୁ ଯାହାର କରି ହେବ ନାହିଁ କଳ୍ପନା
ସେ ହେଉଛି କନ୍ୟା ॥

ରସଲପୁର, ଜଗତସିଂହପୁର

# ପ୍ରାର୍ଥନା

ଅବିନାଶ ବେହେରା

ଆହେ ନରହରି କରୁଛି ଗୁହାରି,
ଅହଂକାର ମୋର ଯାଉ ଅପସରି ।
ଆହେ ଦୀନବନ୍ଧୁ କରୁଣାର ସିନ୍ଧୁ,
ମିଳୁ କାଣିଚାଏ କୃପା ମକରନ୍ଦୁ ।
ଆହେ ନିତ୍ୟାନନ୍ଦ ପ୍ରଭୁ ଅରବିନ୍ଦ,
ହରି ନିଅ ମନୁ ମୋର ନିରାନନ୍ଦ ।
ଆହେ ସର୍ବେଶ୍ୱର ତୁମେ ଚକ୍ରଧର,
ପାପ ପଙ୍କରୁ କର ମୋତେ ଉଦ୍ଧାର ।

ଆହେ ଜନାର୍ଦ୍ଦନ ଶ୍ରୀ ମଧୁସୂଦନ,
ତୁମ ପାଦପଦ୍ମେ ରହିଥାଉ ମନ ।
ଆହେ ପଦ୍ମନାଭ ସତ୍ୟ ସନାତନ,
ଭରିଦିଅ ମନେ ଉତ୍ତମ ଚିନ୍ତନ ।
ଆହେ ବାସୁଦେବ ନନ୍ଦର ନନ୍ଦନ,
ହିତ ସାଧିବାକୁ ଦିଅ ଦିବ୍ୟଜ୍ଞାନ ।
ଆହେ ଜଗନ୍ନାଥ ଭକତ ବତ୍ସଳ,
ସେବା କରିବାକୁ ମନେ ଦିଅ ବଳ ।
ଆହେ ପରଂବ୍ରହ୍ମ ସବୁରି ବିଧାତା,
ଦୟାକରି ଘେନ ମୋର କୃତଜ୍ଞତା ।

ଆହେ ଶଙ୍ଖଚକ୍ରଧାରି ନବଘନ,
ସଦା ପ୍ରଭୁଙ୍କର କରେ ଗୁଣଗାନ   I
ଆହେ ନାରାୟଣ ସବୁରି କାରଣ
ସେବୁ ଥିବି ନିତି ତୁମ ଶ୍ରୀଚରଣ   I

ସା/ପୋ:କୋହି, ଭାୟା:ଗଡିଆ,ଜିଲ୍ଲା:ମୟୂରଭଞ୍ଜ

# ସ୍ୱପ୍ନର କାହାଣୀ

ଅର୍ଘ୍ୟରୂପା ସ୍ୱାଇଁ

ପତ୍ରଝଡା ଦେଉଥିଲା ସେ ଅର୍ଦ୍ଧ ବିକଶିତ ସ୍ୱପ୍ନ,
ଭାବନାର ବସନ୍ତ ନେଉଥିଲା ଅବସର
ଆଶାଗୁଡା ହେଉଥିଲେ ମାଟିରେ ଠୁଳ,
କେବେ କେଉଁଠି ନା କେଉଁଠି
ସେ ଅମାବାସ୍ୟା ରାତ୍ରି ଖୋଜୁଥିଲା ପୂର୍ଣ୍ଣିମା ଦର୍ଶନ,

କ୍ଷିପ୍ର ହେଉଥିଲା ରାତ୍ରିର ଭୟଙ୍କର ଶବ୍ଦ,
ପବନର ଗତି ମନକୁ କରୁଥିଲା ଅଶାନ୍ତ,
ସ୍ମୃତିର ଅଭିମାନରେ ପଡୁଥିଲା କାହାଣୀର ପୂର୍ଣ୍ଣଚ୍ଛେଦ
ରାତିର ଝରାଶେଫାଳି ପ୍ରସ୍ତୁତ କରୁଥିଲା ବିଦାୟ ଗୀତ,

ଅଜଣା ସେ ଅନ୍ଧକାରର ପାଉଁଜି ସ୍ୱର
ଥୁଣ୍ଟା ବରଗଛର ଶୂନ୍ୟ ଚିତ୍କାର,
କାହାକୁ ସେ ହରାଉଥିଲା ନା ନିଜେ ହାରୁଥିଲା
ସବୁ ଆଶ୍ୱାସନାର ମନ୍ତ୍ର ଫିକା ଲାଗୁଥିଲା,

ବାସ୍ନାରେ ଅଭିମନ୍ତ୍ରିତ କରୁଥିଲା ବାସହୀନ ପ୍ରାଣ
ଅପରିପକ୍ୱ ଭାବନା ଖୋଜୁଥିଲା କବିତାର ମନ
ସ୍ମୃତି ଆଉ ଅତୀତର ଅଭିମାନ ଅଭିଯୋଗ,
ଅଭିନୟ କରେ କବି ହୁଏ ବର୍ଣ୍ଣନା ଅଭାବ

ନୀଳ ରକ୍ତେ ଭିଜୁଥାଏ ବେଦାଗ କାଗଜ,
ଲେଖି ରଖିଦିଏ କେତେ କାହାଣୀର ଅଂଶ,
ଅବୁଝା ଅମାନିଆ ହେଉଥାଏ କହିବାକୁ କିଛି,
ସମୟ ଦିଏନି ସୁଯୋଗ, ବାରବାର କହୁଥାଏ କରିବାକୁ ଇତି...

**ଢେଙ୍କାନାଳ**

# ଚେନାଏ ହସ

ରୋହିତ ମାଝୀ

ଚେନାଏ ହସ...
ଆଜିବି ବେଶ୍ ତାଜା ଲାଗେ
ମୋ ହୃଦୟ ସିନ୍ଧୁକରେ
ସେ ଦିନର ସେ ଆମ୍ବଗଛ ମୂଳେ
ଏକାକୀ ଛିଡା ହେଇଥିଲ ତୁମେ
ଫୁଲେଇ ଫଗୁଣ ଢେର ସାରା
ପସରା ମେଲି ଆଲିଙ୍ଗନ କରୁଥିଲା ତୁମକୁ
ଇଛାଥିଲା ପଦିଏ କଥା
ମୋ ହୃଦୟ ଭର କେନ୍ଦ୍ରରୁ ନିଗାଡିବାକୁ
ହେଲି ତୁମ ନିକଟତର ...
ଅଦମ୍ୟ ଶକ୍ତି ପାଣି ଭଳି ବୋହିଗଲା
ବଢି ଚାଲିଲା ବେମାପ ସ୍ପନ୍ଦନ
ଆବଶ୍ୟକତାଠୁ ଆଧିକ୍ୟ ଓଠର କମ୍ପନ
ମୋ ଅବସ୍ଥାକୁ ବେଶ୍ ପଢିଥିଲ ତମେ
କହିବା ଆଗରୁ ଫଗୁଣର ଫଗୁରେ
ରଙ୍ଗାଇଲ ମୋତେ
ଚାଲି ଯାଇଥିଲ ସିନା...
ଆମ୍ବ ବଉଳର ବାସ୍ନାଠୁ ଟପି ଯାଇଥିଲା ତମ ପ୍ରେମର ବାସ୍ନା
କରିଥିଲା ମତୁଆଲା ଫଗୁଣବି ଲାଗୁଥିଲା ଅଚିହ୍ନା
ବାସ୍ ଚେନାଏ ହସ ହିଁ ଥିଲା ମୋ ପାଇଁ ଗଭୀର ଆଶ୍ୱାସନା ।

ସାନଭାଲିଆଡିହା, ମୟୂରଭଞ୍ଜ

# ଏ ରଙ୍ଗ

ଧୀରେନ ବାଗ

ଏ ରଙ୍ଗ
ତୁ ଭାରି ଚଗଲା
ମୋ ହୃଦୟକୁ ଆସି
କେବେଠୁ ବସା ବାନ୍ଧି
ଯିବାରତ ନାମ କରୁନୁ   I

ଏ ରଙ୍ଗ
ତୁ କେତେ ନିଆରା
ମୋ ଫିକା ହୃଦୟକୁ ବି
ତୋ ରଙ୍ଗେ ରଙ୍ଗେଇ
କଲୁଣି ଏବେ ଦିୱାନା  I

ଏ ରଙ୍ଗ
ତୁ ଭାରି କିମିଆ
ମୋ ତନୁମନ ଛୁଇଁ
ସାରା ଦେହଟାକୁ
ରଙ୍ଗେଇ ରଙ୍ଗେଇ
କରିଦେଲୁଣି ରଙ୍ଗିନ   II

ଗୌଡରମା, ମୟୂରଭଞ୍ଜ

# ବୋଉ ଯେବେ ବାପା ହୋଇଗଲା

କାଜଲ ସ୍ୱାଇଁ

ସେ ଧାଉଁଥାଏ,
ସକାଳରୁ ସଞ୍ଜ
ବାରିଖଳାରୁ ହାଣ୍ଡିଶାଳ ଯାଏଁ,
କାନ୍ଧରେ ଲଦି ଥାଏ
ସମସ୍ତଙ୍କର ଅଳି ଅଳି ଅଝଟ
ରାଗ ରୁଷା, ଅଭିମାନ
ଆଉ ମେଞ୍ଚା ମେଞ୍ଚା
ଫରମାଇଶ ସବୁକୁ,
ହେଲେ ତା ପାଇଁ ଲୋଡ଼ା ହେଇନି

କାହାର କାନ୍ଦ,
କି କାନ୍ଥ ଦେଖିଲେ
ସେ ଆଉଜେଇ ଦେଇନି ନିଜକୁ,
ସେ କେବେ ଥକି ଯାଏ,
ତାକୁ କେବେ ଭୋକ ହୁଏ
ଜଂଜାଳର କୁରାଢ଼ୀ ମାଡ଼ରେ
ତା ହୃଦୟରୁ କେବେ ଲୁହ ଝରେ
ଏକଥା କେହି କେବେ ଦେଖିନି

ସେଦିନର କଥା
ବେଶ ମନେଅଛି ମୋର
ସାହି ମାଇପିଏ ଛିଗୁଲେଇ କହୁଥିଲେ
ଆ ..ହା ଭୂଆସୁଣୀ ଟାଏ
ପାଞ୍ଚ ପାଞ୍ଚଟା ପ୍ରାଣୀଙ୍କର ବୋଝ,
କଣ ବୋହି ପାରିବ ଏକା ଏକା,
ଦେଖିବୁ ଲୋ ନାନୀ,
ତାର ପାଦ ଖସିବ
ବାଟ ହୁଡ଼ିବ ସେ
ସମସ୍ତଙ୍କୁ ପରକରି
ବାଛିନେବ ନିଜ ସୁଖକୁ,

ହେଲେ ମୁଁ ଦେଖିଚି ତାକୁ
ସେ କେମିତି ଜାଳୁଥିଲା ନିଜକୁ
ନିଜ ହାତରେ ତଣ୍ଟିଚିପି ହତ୍ୟା କରୁଥିଲା
ଯୌବନର ସବୁ ଆବେଗକୁ
ମାଟିସହ ମାଟି ହୋଇ
କାନ୍ଧରେ ଆମମାନଙ୍କର
ବୋଝ ବୋହୁଥିଲା,
ମୋ ଆଖି ସବୁ ଦେଖିଚି
ମୋ ବୋଉ କେମିତି
ଧୀରେ ଧୀରେ ବାପା ହେଉଥିଲା ....

ଡେଲାଙ୍ଗ, ପୁରୀ

# ହସୁ କୋଣାର୍କ ପୁଣି ଆଉଥରେ

ଶିବ ଚରଣ ମହାପାତ୍ର

ଦେଖି ବେନି ନେତ୍ରେ ଶିରିହୀନ କାୟା
ଅଶ୍ରୁ ଟଳମଳ ଘୋଟେ ଘନ ଛାୟା   ।

ଭାଳି ହୁଏ ମନେ ଏ କି ସେଇ କୀର୍ତ୍ତି
ଔଡ ଜାତି କଳା ଐତିହ୍ୟର ଗୀତି   ।

ଉତ୍କଳ ଉଦିତ ସ୍ୱର୍ଣ୍ଣିମ ସୁରୁଜ
ବିଛେଇ ଦେଇଛି କଳାର ମୁରୁଜ   ।

ଚଳନ୍ତି ରଥ କି ଯାଇଛି ଅଟକି
କୋଣାରକ ନାମେ ମଥା ତାର ଟେକି   ।

କି ଉପମା ଦେବି ନଗଣ୍ୟ ମୁଁ ସୁତ
କୀର୍ତ୍ତି କୌଶଳ ତା କାନ୍ଥେ ନୃତ୍ୟରତ   ।

ବାର ବର୍ଷ ପୁତ୍ର ମାରି ତୋର ଚୂଳ
ଯଶ କ୍ଷାତି ରଖିଗଲା କାଳ କାଳ   ।

ବାରଶ ବଢେଇ ଲୁହ ଲହୁ ମୁଲ
ଆଧୁନିକ ସ୍ୱର୍ଣ୍ଣେ କବରୀର ଫୁଲ   ।

ଅବହେଳା ହୋଇ ପଡି ଅଛି ରହି
ଉତ୍କଳ ସନ୍ତାନ ନାହାନ୍ତି କି କେହି   ।

କେ ଶୁଣିବ ତାର ଦରଦ ଯନ୍ତ୍ରଣା
ସ୍ୱାର୍ଥ ଅଶ୍ୱମେଧେ ସବୁ ବାଟବଣା   ।

ଚନ୍ଦ୍ରଭାଗା ନିତି କାନ୍ଦୁଛି ଗୁମୁରି
ଝୁରୁଛି ସେ ପ୍ରିତି ଚନ୍ଦ୍ର ଚକୋରୀ   ।

ବେଳାଭୂମି ପରେ ସାଉଣ୍ଟା ବାଲୁକା
ଖୋଜୁଛନ୍ତି ସେଇ ଐତିହ୍ୟ ସାମୁକା   ।

ମାଗେ କୋଣାରକ ତା ଯଶ ପାଉଣା
ହେ ଉତ୍କଳ ସୁତ କର ଉପାସନା   ।

କେତେଦିନ ଆଉ ବୁଜିବୁରେ ଆଖି
ଏ ମାଟି ସନ୍ତାନ ପାରୁନୁ କି ଦେଖି   ।

ଉଠ ଉଠ ବାରେ ଉତ୍କଳ ସନ୍ତାନ
ଐତିହ୍ୟ କିରତି ରଖରେ ସମ୍ମାନ   ।

ଇତିହାସ ଗାଥା ମନେପକା ବାରେ
ହସୁ କୋଣାରକ ପୁଣି ଆଉଥରେ   ।

ଚକ୍ରଧରପୁର,କେନ୍ଦୁଝର

# ତୁମେ

ସୌମ୍ୟ ରଞ୍ଜନ ସ୍ୱାଇଁ

ମୋ ସକାଳର ପହିଲି ସ୍ପର୍ଶରେ 'ତୁମେ'.
ମୋ ଭାବନାର ଶୀର୍ଷରେ 'ତୁମେ'.
ମୋ ପ୍ରେମ ଓ ପ୍ରେମିକା 'ତୁମେ'.
ମୋ କବିତାର ନାୟିକା 'ତୁମେ' ।

ତୁମ ବିନା ସ୍ୱପ୍ନ ନାହିଁ,
ବାସ୍ତବତା ବହୁ ଦୂରେ.
ତୁମ ପ୍ରୀତି ଟିକେ ପାଇଁ,
ମୋର ମନ ଖାଲି ଝୁରେ ।

ନୀଳ ପରୀଟିଏ ତୁମେ,
ସରଗର ପାରିଜାତ.
ତୁମକୁ ଛୁଇଁବା ପାଇଁ,
ପାଏ ନାହିଁ ମୋର ହାତ ।

ତୁମେ ଚୁଲବୁଲି ଝରଣାଟେ,
ନୂଆ ଯୌବନରେ ଭରା.
କସ୍ତୁରି ମୃଗଟେ ପରି,
ମହକ ହୃଦୟ ସାରା ।

ଅଦୃଶ୍ୟ ଅସ୍ପଷ୍ଟ ତୁମେ,
ସତେ ମାୟା ମରୀଚିକା..
ତୁମ ମିଠା ଅନୁଭବ,
ମୋତେ ହେବାକୁ ଦିଏନା ଏକା ।

ଆଖିଠାରୁ ଦୂରେ ତୁମେ,
ହୃଦୟରୁ ଦୂର ନୁହେଁ..
ତୁମ ସ୍ମୃତିକୁ ସାଇତି ରଖି,
ତୁମକୁ ମୁଁ ଭଲପାଏ...

ବରୀ,ଯାଜପୁର

# ଅତୀତ "ଜୀବନ୍ତ ନା ମୃତ"

ହୃଦୟାନନ୍ଦ ପଧାନ

ଅତୀତକୁ ଖୋଜୁଥିଲି କେତେ ଦିନୁ
ମନ୍ଦିରର ଅଗଣାରେ,
ଗହନ ବନର ତରୁ ଲତା ମୂଳେ,
ନିରବ ସମୁଦ୍ର ବେଳାରେ,
ନିଛାଟିଆ ରାଜ ରାସ୍ତରେ  ।

ପାଇଲିନି କୋଉଠି ତା ଠିକଣା,
କହିବକି କେହି ଜଣେ
ସତରେ ସେ ଅତୀତଟା
ଜୀବନ୍ତ ନା ମୃତ  ?

ସିଏ ଯଦି ମୃତ,
କାହିଁକି ସେ ମିଶି ନାହିଁ,
ସମୁଦ୍ରର ଅତଳ ଗର୍ଭରେ,
ଗଗନର ନକ୍ଷତ୍ର ମେଳେ
ଧରିତ୍ରୀର ଭୂଇଁ ତଳେ  ।

ନା ସେ ଜୀବନ୍ତ,
ମିଶିବନି ସାଗରର ଗଭୀର ଜଳରେ
ଆକାଶର ତାରକା ମେଳେ
ପୃଥିବୀର ମାଟିତଳେ ।

ସିଏ ସତ୍ୟ, ସିଏ ପୁଣି ଚିରନ୍ତନ,
ଯେତେଦିନ ଏ ବସୁଧା ରହିଥିବ,
ଯେତେ ଦିନ ସୂର୍ଯ୍ୟ-ଚନ୍ଦ୍ର ଉଇଁଥିବ,
ସେତେ ଦିନ ରହିଥିବ ଏ ଅତୀତ
ଲୁଚିଛପି ଧରିତ୍ରୀର କୋଣ ଅନୁକୋଣେ  ।

ଅମରପାଲି, ବିରମହାରାଜପୁର
ସୁବର୍ଣ୍ଣପୁର

# ସେ କବିଟିଏ

ଦିଲ୍ଲୀପ କୁମାର ତ୍ରିପାଠୀ

ଭାବନାର ଭବ ସାଗରରେ,
ଧୈର୍ଯ୍ୟର ବନଶି କଣ୍ଟା ଧରି
ପ୍ରତୀକ୍ଷା କରିଥାଏ ।
କେବେ ଅତୀତ, କେବେ ସ୍ୱପ୍ନ ତ'
କେବେ କେବେ ଥପ୍ ଥପ୍ ଲୁହ କି ଲହୁକୁ
ଥୋପ କରି , ଛପି ବସିଥାଏ ;
ଧରିବାକୁ ଶବ୍ଦର ସଦ୍ୟ ମାଛଟିଏ ।

ସେ, କବିଟିଏ !

ତନ୍ନ ତନ୍ନ କରି ପରଖି ଦେଖେ
ଜୀବନର ସବୁ କଳା, ଧଳା,
ନାଲି, ନୀଳ ରଙ୍ଗର କାହାଣୀ ;
ହାତମାରି ଦେଖେ, ଦରସିଝା ପଦ ମାନଙ୍କୁ
ଆଖିମୁଦି ଅନ୍ଧାରି ଗୁମ୍ଫାରୁ ଟାଣିଧରି ଆଣେ
ବାଟଭୁଲା ପ୍ରତିଶବ୍ଦ ମାନଙ୍କୁ ।

ତଥାପି , ହାତ ପାହାନ୍ତାରୁ ଖସି ଯାଆନ୍ତି
କିଛି ଚଗଲି ପଦ୍ୟାଂଶ ହରିଣୀ,
ଆଉ କବିଟିଏ ସେଇମିତି ଚାହିଁ ରହିଥାଏ ...
ସେମାନଙ୍କ ଫେରିବା ବାଟକୁ ।

ଅତୀତର ପ୍ରହାରରେ ପ୍ରତିଥର
ରକ୍ତେଇଯାଏ ତା' ଦେହ,
ସିକ୍ତେଇଯାଏ ଆଖିପତା
ଝାଳେଇଯାଏ ମୁହଁ-
ସ୍ମୃତିର ଗରମ ବାମ୍ଫରେ  I

ବର୍ତ୍ତମାନର କୁଠାର ଘାତରେ
ଆକ୍ତାମାକ୍ତା ହେଇବି,
ଛାଡେନି ଶବ୍ଦର ପଣତ,
ହାତ ଧରି ଚାଲେ ପଦ ମାନଙ୍କର
କବିତାର ଶେଷଯାଏଁ,
ଜଞ୍ଜାଳ ଝଞ୍ଜଟ ଭିତରେ ଜାବୁଡି ଧରେ ଛାତିରେ
ସୁନ୍ଦରୀ କବିତାଟିକୁ  I

ଜାଗୃତ ହୁଏ ଅର୍ଦ୍ଧରାତ୍ରି ଯାଏ
ପୂର୍ଣ୍ଣ କବିତାର ଆଲିଙ୍ଗନରେ ହୁଏ ଉନ୍ମତ୍ତ
ଗଡିଯାଏ , ଭୁଇଁରୁ ଅକାଶ ଯାଏ  I

ସେ, କବିଟିଏ  !

ପରଜଙ୍ଗ, ଢେଙ୍କାନାଳ

# ସଂସାର

ଜୀବନ ଜ୍ୟୋତି ସାହାଣୀ

ପୁରୁବ ଦିଗରେ ସୁରଜ ଉଁଅଇଁ
ହୁଅଇ ଦିନର ଆରମ୍ଭ  ।
ସବୁଜିମା ଭରା ଧରଣୀ ପୃଷ୍ଠରେ
ଖେଳଇ ଖୁସିର ସଂସାର  ।
ଉଠଇ କୃଷକ ହୋଇ ତରବର
ଯିବା ପାଇଁ ତା'ର କ୍ଷେତେ  ।
ଭାବଇ ଶିକ୍ଷକ କିପରି ଗଢିବ
କୋମଳ ଶିଶୁଙ୍କୁ ଯତ୍ନେ  ।
କଳା କୋଇଲିର କୁହୁ କୁହୁ ତାନ
ହୁଅଇ ସକାଳ ଆଭୂଷଣ  ।
ଗାଁ ଦେଉଳର ଘଣ୍ଟ ଘଣ୍ଟା ଧ୍ୱନି
ବଢାଏ ମନର ଆନନ୍ଦ  ।
ସମସ୍ତେ ଚାଲନ୍ତି ନିଜ ନିଜ କାମେ
ଛାଡି ନିଜ ଘର ଦ୍ୱାର  ।
ସକାଳ ସରଇ ମଧ୍ୟାହ୍ନ ଆସଇ
ଆସଇ ଶେଷରେ ସନ୍ଧ୍ୟା  ।
ସନ୍ଧ୍ୟାରାଣୀର କଳା ପଣତରେ
ହୁଏ ସବୁ ଅନ୍ଧକାର  ।
ସମସ୍ତେ ଫେରନ୍ତି ନିଜ ନିଜ ଘର
କରିବାକୁ ଖୁସିର ସଂସାର  ।

ଜଗତସିଂହପୁର

# ଅହ୍ୟରାଣୀ

ପ୍ରିୟଦର୍ଶିନୀ ମହାନ୍ତି

ଜୀବନଟି ମୋର ଅତି ଆପଣାର
ସୁଖ ଦୁଃଖର ସମ୍ଭାର,
ସୁଖ ପରେ ଦୁଃଖ, ଦୁଃଖ ପରେ ସୁଖ
ଏ ତ ବିଧାନ ବିଧିର   ।

ମରଣକୁ ମୋର ଟିକେ ନାହିଁ ଡର
ତୁମେ ଥିଲେ ସାଥେ ମୋର,
ହାତେ ନାଲି ଶଙ୍ଖା, ମଥାରେ ସିନ୍ଦୁର
ତୁମ କୋଳେ ଥିବ ଶିର   ।

ଦାଣ୍ଡେ ବାଜୁଥିବ ଅହ୍ୟ ଡେଙ୍ଗୁରା ଲୋ
ନାଇ ଅଳତା ପାଦରେ,
ଦେହରେ ମାଖିବି ହଳଦୀ, ଚନ୍ଦନ
ତୁଳସୀ ଥିବ ଶବରେ   ।

କଉଡ଼ି ଖେଳ ତ ଖେଳିଥିଲେ ଦିନେ
ବେଦିର ଉପରେ ବସି,
ଶେଷ ସମୟରେ ଖେଳିବ ପୁନଶ୍ଚ
ନ କାନ୍ଦି କି ହସି ହସି   ।

ହୋମ ନିଆଁ ସାକ୍ଷୀ ରହିଛି ,ରହିବ
ତୁମେ ମୋ ଜୀବନ ସାଥି,
ମୋର ଜୁଇ ନିଆଁ ପ୍ରମାଣ ବି ଦେବ
ତୁମେ ମୋର ଶେଷ ଗତି   I

ଏତିକି ଗୁହାରି ଶୁଣିବ ଠାକୁରେ
ମୋ ପ୍ରତି ସହାୟ ହୋଇ,
ଶାନ୍ତିରେ ରହିବି ଯେଉଁ ପୁର ଦେବ
ଜୁଇରେ ଯିବି ମୁଁ ଶୋଇ   I

ଶୁଣିବ ଗୁହାରି ଆହେ ସାଇ ନାଥ
ତବ ଚରଣରେ ମୋର,
ଅହ୍ୟରାଣୀ କରି ଏ ରଙ୍ଗମଞ୍ଚରୁ
କରିଦେବ ମୋତେ ପାର   I

ଭୁବନେଶ୍ୱର

# ମମତାର ବିଚ୍ଛେଦ

ସୁରେସ ଚନ୍ଦ୍ର ରାଉତ

ଜୀବନର ସେହି ସୁନୀଳ ଆକାଶେ
ବାଦଲ ଯାଇଛି ଢାଙ୍କି
କାଳ ବୈଶାଖିରେ ବସା ଗଲା ଭାଙ୍ଗି
ବିରହେ ମରୁଚି ପକ୍ଷୀ Ι୧Ι

ନେତ୍ରର ରନ୍ଧ୍ରରୁ ବହେ ଅଶ୍ରୁ ଝର
ଜୀବନ ଲାଗେ ବିଷମ
ସେନେହ ପଣତେ ଲୁହ ପୋଛୁଥିଲା
ବିଧି ହେଲା ମୋତେ ବାମ Ι୨Ι

ଧାଇଁ ଆସି ମୁଁ ତା କୋଳେ ଲୋଟଇ
ଝାଡି ଦିଏ ଦେହ ଧୁଳି
ହେଲେ ଆଜି ତାର ଗୋଲାପ ଫୁଲଟି
ନ ଫୁଟି ଗଲା ମଉଳି Ι୩Ι

ଏ ମନ ପ୍ରମୋଦ ଉଦ୍ୟାନରେ ଆଜି
ଜଳେ ହୁତୁ ହୁତୁ ନିଆଁ
ଭସ୍ମୀଭୁତ ହେଲା ମୋ ମନ ଅଗଣା
ମା ବିନୁ କେ ନାହିଁ ସାହା Ι୪Ι

ଜନ ସମାଜରେ ବିକଳେ ଖୋଜିଲେ
ମିଳେ ଖାଲି ନିର୍ଯ୍ୟାତନା
ହସ ଭରି ଯିଏ ଜାତନା କୁ ନିଏ
ସେହି ତ ଜଗତେ ମା Ι୫Ι

ପତିତପାବନ ପଣତଟି ତାର
ରଖୁଥିଲା ମୋତେ ଢାଙ୍କି
ନିର୍ଭୟରେ ତାର କୋଳରେ ମୁଁ ଶୁଏ
ଆଜି ପାରୁ ନାହିଁ ଦେଖି  ।୬।
ପ୍ରାଚୀ ଦିଗ୍-ବଳୟେ ଉଇଁଲେ ମାର୍ତଣ୍ଡ
ମନେ ପଡେ ତାର ପାଦ
ଲୁହରେ ଏ ବକ୍ଷ ଭିଜି ଯାଏ ଖାଲି
ମନରେ ଅନନ୍ତ କ୍ଷତ  ।୭।
ରଶ୍ମୀ ଉଦ୍-ଗିରଣ ବହେ ଘନ ଘନ
ମଧ୍ୟାନ ବିରତି କାଳେ
ବିଷମ ଲାଗଇ ଏ ପଞ୍ଚ ପରାଣ
ଧରି ନେ ମା ତୋର କୋଳେ  ।୮।
ପଥ ଭ୍ରମିବାକୁ ନାହିଁ ଶକ୍ତି ଆଉ
ହେଲିଣି ମୁଁ ଶକ୍ତି ହରା
ତୋର ପରଶରେ ଲଙ୍ଘିଯାଏ ଗିରି
ଧରାକୁ ମଣଇ ଶରା  ।୯।
ଦଶ ମାସ ର୍ଗଭେ ଧରିଥିଲୁ ବୋଲି
ଲେଖିଲି ଦଶଟି ପଦ
ଏ ହିନ ସୁରେସ କି ଅବା ବର୍ଣ୍ଣିବ
ସଦା ଚିନ୍ତେ ମା ତୋ ପାଦ
ମା କେତେ ସହିଲିଣି ଅପବାଦ  ।୧୦।

**କଟକ**

# ନିଶିର ନିଶାରେ

ଅଲେଖ ଚନ୍ଦ୍ର ବେହେରା

କି ଭୂଷଣ ! ଆଭୂଷଣେ ବିଭାବରୀ ଆଭୂଷଣ
ରେ ଜହ୍ନ କିରଣ , ମୋ ପରାଣ ରାଣ ଶୁଣ ଶୁଣ
ତୋର ଆକର୍ଷଣେ , ବରଣେ ପରାଣ ଚରଣେ ତୋର ଶରଣ    ||୧

ତାରାପୁଞ୍ଜ କି ନିକୁଞ୍ଜ ! ମିଞ୍ଜି ମିଞ୍ଜି ରଞ୍ଜରେ
ପ୍ରାଞ୍ଜଳ ଜଳଜଳ , କି ମଞ୍ଜୁଳ ! ଜଳ ଆଞ୍ଜୁଳରେ
ପ୍ରତିଜଳନେ ଡୋଳା ଜଳେରେ , ଯେହ୍ନେ ସୁଢୋଳ କଜଳରେ    ||୨

ନିଶାର ନିଶାଘାରେ ମତେ , କିମତେ ଏତେ ?
ଅନିଶା ଅନିଶାରେ ଭଷା ଆଶା ଆକାଶ ସାଥେ ,
ଗଳ୍ପେ ମୁଁ ଅଳ୍ପ ଅଳ୍ପ ବିକଳ୍ପ କଳ୍ପନାରେ , ଅଶାନ୍ତ-ଶାନ୍ତ ଚିତେ    ||୩

ରାତ୍ରିଚର ଚରେ ଚହଟରି ଧରି ସ୍ୱଚରାରେ
ଝିଙ୍କାରି ଝଙ୍କାରେ ,ଖୃଙ୍କାରି ପେଚା ସ୍ୱର ପଚାରେ
କୁଉ , ବିଲୁଆ ହୁକେ ହୋ , କିଏ ହୋ ଅଚିହ୍ନା ଏ ଅନ୍ଧକାର ମଞ୍ଚରେ  ||୪

ନିଶବ୍ଦରୁ ଶବ୍ଦ ନିର୍ବେଦରୁ ବେଦ ଶୂନ୍ୟରୁ ନିନାଦ
ମୋ ପରାର୍ଦ୍ଧ ବିଶାଦ ନିଶାର୍ଦ୍ଧରେ ଖୋଜେ ପଦ
ଅର୍ଦ୍ଧ ଉର୍ଦ୍ଧ୍ୱ ହୁଏ ଧମନୀ ରୁଧିର , ନିରୁଦ୍ଦିଷ୍ଟେ ଚାଲେ ପାଦ ||୫

ପ୍ରେମୀୟ ହୃଦୟ ଭୟ ଦିପ୍ତୀମୟ ସମୟ
ଦିବସେ ନଆସେ ରସ ପରଷମୟ ବିଷୟ
ପ୍ରତିହରି ଦିବସ ପ୍ରୀତିହାରି ପ୍ରହରି ଶର୍ବରୀରେ ଖୋଜେ ପରିଚୟ    ||୬

**ଅଙ୍ଗାରବନ୍ଧ, ଅନୁଗୁଳ**

# ଆସିଲା ଗ୍ରୀଷ୍ମ

ନୂତନ କୁମାର ବେହେରା

ବସନ୍ତ ମହକ ମଳୟ ପବନ
ଧିରେ ଧିରେ ଧରା ଛାଡ଼ି ଯାଏ ଚାଲି,
ମାଡ଼ି ମାଡ଼ି ଆସେ ଅତି ଟାଣ ଖରା
ଶୀତଳ ଛାଇକୁ ଲୋଡ଼ା ହୁଏ ଖାଲି ॥
ଚକ୍ ଚକ୍ ସୁନେଲି ଚଇତି ଖରା
ତାତି ଉଠି ବାୟୁ ବହେ ଶୁଷ୍କ ଝାଞ୍ଜି,
ଗମ୍ ଗମ୍ ଝାଳ ଧାର ଧାର ଝରେ
ଖାଇବା ସାଥିରେ ଭଲ ଲାଗେ କାଞ୍ଜି ॥
ବାହାରକୁ ଗଲେ ଛତା ଜୋତା ନେଇ
ଚାଲିବାକୁ ହୁଏ ପାଣି ଧରି ହାତେ,
ଓଦା ସରସର ଦେହ ଲୁଗା ପଟା
ଅଶାନ୍ତିରେ ଅସ୍ତବ୍ୟସ୍ତ ଲାଗେ କେତେ ॥
ଥଣ୍ଡା ପବନ ଟିକେ ପାଇବା ଲାଗି
ଘରେ ବାହାରେ ସୁବିଧା ଖୋଜି ବୁଲେ,
ଯେତେ ଯାହା ବ୍ୟବସ୍ଥା କଲେ ବି କଷ୍ଟ
ସହିବାକୁ ତ ହୁଏ ଗରମ ହେଲେ ॥
କାମର ମଣିଷ ଡରି ଖରା ତେଜ
କାମରେ କେବେ କରେନା ଅବହେଳା,
ସୁବିଧା ଦେଖି କରେ ନିଜର କାମ
ସକାଳୁ ସକାଳୁ କି ଉପର ବେଳା ॥

ତୋରାଣି ପଇଡ଼ ଭାରି ଭଲ ଲାଗେ
 ସାଥିରେ ତରଭୁଜ ଫୁଟି କାକୁଡି,
ଥଣ୍ଡା ସରବତ ଲେମ୍ବୁ ପାଣି ଚିନି
 ପଖାଳରେ ଦହି ଶାଗ ଭଜା ବଡି  ||
ଦେହରେ ହାଲୁକା ସୂତାର ପୋଷାକ
 ପିନ୍ଧିଥିଲେ ଭାରି ଆରାମ ଲାଗଇ,
ବାଟେ ଯାଉଥିଲେ ସ୍ଥାନେ ସ୍ଥାନେ ରହି
 ବସିବାକୁ ହୁଏ ଦେଖି ଗାଢ ଛାଇ  ||
ଡର ଲାଗେ ଭାରି କାଳ ବଇଶାଖୀ
 ଝଡ଼ ବର୍ଷା ବିଜୁଳି ଓ ଘଡ଼ଘଡ଼ି,
ଅଦିନିଆଁ ମେଘ ଆସି ଅଚାନକ
 ଜୀବନ ଯାପନକୁ ଦିଏ ବିଗାଡି  ||
ଗ୍ରୀଷମ ଆସିଲା ରହିଲେ ସତର୍କ
 ଆପଦ ବିପଦରୁ ମିଳଇ ରକ୍ଷା,
ପ୍ରକୃତିର ରୂପ ଅଦଳ ବଦଳ
 ଦିଏ ସହନଶୀଳତାର ସୁଶିକ୍ଷା  ||
ନ ହେଲେ ଖରା ଆସିବନି ତ ବର୍ଷା
 ଜଳ ଅଭାବରେ ମରୁଡି ପଡ଼ିବ,
ଖାଦ୍ୟ ଶସ୍ୟ ଉଦ୍ଭିଦ ନ ହେଲେ ଚାଷ
 ଜୀବଜଗତ ସ୍ଥିତି ଭୁଷୁଡି ଯିବ  ||
ଆଘାତ ଦିଏ ସିନା ଏଇ ନିଦାଘ
 ସାଥେ କିନ୍ତୁ ନେଇ ଆସେ ସେ ବାରିଦ,
ହୋଇ ଏ ଧରିତ୍ରୀ ସୁଜଳା ସୁଫଳା
 ଦୂରକରେ ଜୀବନର ଅବସାଦ  ||

**କୋହି,ଗଡିଆ,ମୟୂରଭଞ୍ଜ**

# ପ୍ରତିଭା

ଅଜୟ କୁମାର ବେହେରା

ପ୍ରତିଭା ସେତ ଏକ କଳା
ଯାହା ବାହ୍ୟକୁ ଦିଶେ ନାହିଁ
ଯେତେ ଚାହିଁଲେ ପୁଣି ସିଏ
ପରିପ୍ରକାଶ ହୁଏ ନାହିଁ   ||

ପ୍ରତିଭା ଈଶ୍ୱରୀୟ ସେତ
ବିନା ଈଶ୍ୱର କୃପା ବଳେ
କେ ଅଛି ଏହି ମହୀ ତଳେ
ଲୋଭେ ଜ୍ଞାନ ଅନାୟସରେ   ||

ପ୍ରତିଭା ଅଧିକାରୀ ଯିଏ
ଯେଉଁଠି ଥାଉ ପଛେ ସିଏ
ସବୁଠି ସେ ଆଦର ପାଏ
ବୁଝୁ ନ ବୁଝୁ ଅବା କିଏ   ||

ସୁସ୍ଥ ପରିବେଶ ମଧ୍ୟରେ
ପ୍ରତିଭାର ବିକାଶ ହୁଏ
ଯଦି ସୁଯୋଗ ମିଳେ ଥରେ
ଥାଉ ପଛେ ଯେ ଯେତେ ଦୂରେ   ||

ମୋରଡ଼ା,ମୟୂରଭଞ୍ଜ

# ନିର୍ବାଚନ ଆସିଲେ

ଶଙ୍କର୍ଷଣ କର

ନିର୍ବାଚନ ଆସିଲେ,
ମନେପଡନ୍ତି ଜନତା
ମନେପଡେ ଦୁଃଖ ଦୁର୍ଦ୍ଦଶା
ମନେପଡେ ଗାଁ କଥା
ଭୋକିଲାଙ୍କ ଅବସ୍ଥା  !

ନିର୍ବାଚନ ଆସିଲେ
ସୁଅଛୁଟାନ୍ତି ନେତା
ସଭିଙ୍କୁ ଦିଅନ୍ତି ଭରସା
ସଭାସମିତି ସବୁଠି ଦେଖା
ରାଜଧାନୀପରି ଲାଗେ ଗାଁଟା  ।

ନିର୍ବାଚନ ଆସିଲେ,
ପୋତା ହୁଏ ପଥର
ସଭିଏଁ ଭୋଟପାଇଁ ଉଚ୍ଛୁର
ଧନୀଗରିବ ସଭିଏଁ ସମାନ
ଗରିବର କେତେ ଆଦର  !

ନିର୍ବାଚନ ଆସିଲେ,
ହାତ ଯୋଡା ସଂସ୍କାର
ସଭିଁଏ ଲାଗନ୍ତି ନିଜର
ମନ ମତାଣିଆ କଥା ଆଉ
ତାଲିକା ମିଛପ୍ରତିଶୃତିର  ।

ନିର୍ବାଚନ ଆସିଲେ,
ବଢେ ମଦ ବେପାର
ଆଗ ପଟେ ଝୁଲେ ତାଲା
ପଛ କବାଟ ଖୋଲା
ଚାଲେ ଦିନରାତି ଆସର  ।

ନିର୍ବାଚନ ଆସିଲେ,
କୁଜି ନେତାଙ୍କ ଆଦର
କଥାକହେ ନୋଟ ବିଡା
ବୁଝି ପାରନ୍ତିନି ଜନତା
ତାଙ୍କ ଫନ୍ଦି ଫିକର  ।

ନିର୍ବାଚନ ଆସିଲେ,
ଯଦି ଜନତା ମାଗନ୍ତେ ଉତ୍ତର
କ'ଣ କରିଛ କୁହ ଗତଥର ?
ଭୋଟ ଦିଅନ୍ତେ ବିନା ନୋଟର
ବଦଳନ୍ତା ଭାଗ୍ୟ ଆମ ଦେଶର  ।

**କମାରପାଳ,କୁଳିଅଣା,ମୟୂରଭଞ୍ଜ**

# ଜନମ ଚକ୍ର

ଅକ୍ଷୟ କୁମାର ବେହେରା

ଆଜିର ଜୀବନ କାଲିକୁ ନ ଥିବ କର କାହିଁ ଅଭିମାନ,
ଏକଳି ଯୁଗରେ ରୋଗ ଗ୍ରାସ କଲେ ଆୟୁଷ ଅଳପ ଦିନ  ।୧।

ମିଛ ମାୟା ଘେରା ସଂସାର ଭିତରେ ଜିଇଁବା ନୁହେଁ ସହଜ,
ପରିବାର ନେଇ ଚଳିବାକୁ ହେଲେ ସଭିଙ୍କ କଥାକୁ ହେଜ  ।୨।

ପିତାମାତା ଆମ ଜୀବନ୍ତ ଦେବତା ସର୍ବଦା ଦେବା ସମ୍ମାନ,
ପାହାଡ଼ ପରିକା ଦୁଃଖ ଯଦି ଆସେ ଅବିଳମ୍ବେ ହେବ ଲୀନ  ।୩।

ଗୁରୁଜନଙ୍କର କଥାକୁ ଶୁଣିବ ସାନକୁ ଅର୍ପିଣ ସ୍ନେହ,
ଜୀବନ ପଥରେ ବାଟ ଚାଲୁଥିବ ନରଖିଣ ଲୋଭ ମୋହ  ।୪।

ପତ୍ନି ରୂପେ ଯିଏ ପତନୁ ଉଦ୍ଧାରେ ସର୍ବଦା ରଖିବ ଧ୍ୟାନ,
ସୁଖ ଦୁଃଖ ଦୁହେଁ ବାଣ୍ଟି ଚଳୁଥିଲେ ଶାନ୍ତିରେ କଟିବ ଦିନ  ।୫।

କୁକର୍ମରୁ ଦୂରେ ରହି ସଦା ବେଳେ ପୂର୍ଣ୍ୟ କର୍ମ କରିଚାଲ,
ସତ୍ୟ, ଶାନ୍ତି, ଦୟା, କ୍ଷମାକୁ ଆଦରି ଚଳିଗଲେ ସବୁ ଭଲ  ।୬।

ସାଂସାରିକ ହୋଇ ଭକ୍ତି ହୃଦୟରେ ପ୍ରଭୁ ନାମ ଯେ ଭଜଇ,
"ଜନମ ଚକ୍ର"ରୁ ମୁକ୍ତି ମିଳିଯିବ ପରଂବ୍ରହ୍ମେ ହୋଇ ଲୀନ ।୭।

କେନ୍ଦୁଡିହା ବଡସାହି ମୟୂରଭଂଜ

# ମହୁମାଛିଠାରୁ ଶିକ୍ଷା

ଗଣେଶ ସାହୁ

ବଙ୍କାଡାଳେ ବସାକରେ ମହୁମାଛି ନ ରଖି ମନରେ ଶଙ୍କା
ରଙ୍କା ମଣିଷଟା ଚୋରାଇ ଆଣଇ ଦେଇକି ନିଆଁର ଚେଙ୍କା ।

ପଚାରିଲା ମାଛି ଆହେ ମହୁମାଛି ଅଯଥାରେ କିଆଁ ସଞ୍ଚୁ
ଚୋରି କରୁଅଛି ମଣିଷ ତୋଠାରୁ ତୁ କ'ଣ ତା ପାଇଁ ବଞ୍ଚୁ ।

ହସିକି କହିଲା ମାଛି ଭାଇ ଶୁଣ ତୁମେ ବି ଆମରି ପରି
ଆମେ ବସିଥାଉ ଫୁଲର ଉପରେ ଶୋଷୁ ରସ ମନ ଭରି ।

ଆମରି ଅଇଁଠା ଦେବଯୋଗ୍ୟ ହୁଏ ଏଇ ଆମ ପୂଣ୍ୟ ଫଳ
ଆହୁରି ଅନେକ ଔଷଧ ରୂପରେ ମହୁଟି ଅଟଇ ମୂଳ ।

ଫୁଲର ରସରୁ ମହୁ ବନାଇବା ଗୁଣଟି ଅଛି ଆମରି
ଆମରି ଗୁଣକୁ ମୂରୁଖ ମଣିଷ କରି ପାରିବ କି ଚୋରି ।

ମାର୍କଣ୍ଡପୁର,ଯାଜପୁର

# କେଉଁଠି ଠିକଣା ତୁମ

ମଞ୍ଜୁଲତା ସିଂ

ଶୀତ ସକାଳର କଅଁଳ ଖରାର
ଟିକେ ଖରା ଟିକେ ଛାଇ
ଘାସ ପତରରେ ବିଞ୍ଛି ହୋଇଯାଅ
ମୁଠାଏ ମୁକୁତା ହୋଇ ॥

କେତେବେଳେ ତୁମେ ପାହାଡ଼ ଚୂଡ଼ାର
ମଉସୁମୀ ଖଣ୍ଡେ ମେଘ
ନିଦାଘ ମାଟିରେ ଝରିପଡ଼ ତୁମେ
ଆଙ୍କିଦେଇ ଅସ୍ତରାଗ ॥

ଫଗୁଣ ଫୁଲରୁ ଶୋଷିନିଅ ମହୁ
ପାଗଳ ଭଅଁର ସାଜି
ଫୁଲ ବାଢିଦିଏ ପ୍ରୀତି ଅର୍ଘ୍ୟଥାଳି
ତୁମ ମନ କଥା ବୁଝି ॥

କେତେବେଳେ ତୁମେ ଫଗୁଣ ସଞ୍ଚର
ଚଇତାଳି ମିଠା ଛୁଆଁ
ବଇଶାଖୀ ଝାଞ୍ଜି ସାଜି କେବେ ତୁମେ
ଦେହରେ ଲଗାଅ ନିଆଁ ॥

ଫୁଲ ଚାଙ୍ଗୁଡିରେ ପ୍ରିୟା ହାତ ଛୁଆଁ
ସରାଗେ ସାଉଁଟା ଫୁଲ
ମଧୁ ମାଳତୀର ଛିଟା ଛିଟା ରଙ୍ଗ
ଗୋଧୂଳି ସଞ୍ଜର ବେଳ ॥

ଝରା ଶ୍ରାବଣର ଝର ଝର ମେଘ
ପ୍ରିୟା ହାତ ଲେଖା ଚିଠି
କେବେ ତୁମେ କାହା କଅଁଳ ପରଶ
ରେଶମୀ ସୂତାର ଗଣ୍ଠି ॥

ବୁଝିବି ପାରୁନି ରୁହ କେଉଁଠାରେ
ରୂପ ରଙ୍ଗ ତୁମ ଭିନ୍ନ
ଠିକଣା ବଦଳି ଆସ ବାର ବାର
କିଣି ନେବା ପାଇଁ ମନ ॥

ଭୁବନେଶ୍ୱର

# ଶେଷ ମାଗୁଣି

ରାଧାମୋହନ ମିଶ୍ର

ଜନମ ଦେଲ ଯଦି ମରଣ ଦେଲ ଯଦି
ଭିତରେ ସାରା ଦୁନିଆଁ
ଏନ୍ତୁଡି ନିଆଁରୁ ଜୁଇର ନିଆଁକୁ
ଯୋଡି ଦେଲ ଦେଇ ନାଁ  ।

ଛନ୍ଦି ଦେଲ ଏଇ ମଣିଷ ଜୀବନ
ଦୁଃଖ ସୁଖ ଦୁଇ ଦେଇ
ଛାଇ ଖରା ପରି ନିମିସକେ ନାଇଁ
ତଥାପି ହେଜିଲି ନାହିଁ  ।

ବୈଶାଖୀ ଝାଞ୍ଜି ଦେଇଛ ପ୍ରଭୁହେ
ଦେଇଛ ମଳୟ ବାଆ
ତୃଷ୍ଣାବି ଦେଇଛ ଜଳବି ଦେଇଛ
ବୁଝିପାରୁ ନାହିଁ କିଆଁ  ।

ମନଟିଏ ଯେବେ ଖଞ୍ଜି ଦେଲ ପ୍ରଭୁ
ପବନର ବେଗ ଦେଇ
ଉଡି ଯାଇ ଦେଖେ ମନ ଆର ପାଖେ
କିଛି ବୋଲି କିଛି ନାହିଁ  ।

କାମିନୀ କାଞ୍ଚନ ସଜେଇ ଦେଇଛ
ମଣିଷ ଜୀବନେ ଭରି
ତ୍ୟାଗବି ଦେଇଛ ସ୍ୱାର୍ଥବି ଦେଇଛ
ତଥାପି ଛାଡେ ମୁଁ ହୁରି    ।

ଚକ୍ଷୁବି ଦେଇଛ ଦୃଷ୍ଟି ବି ଦେଇଛ
ତଥାପି ଅନ୍ଧ ମୁଁ କିଆଁ
ଝୁଣ୍ଟିପଡି ଉଠି ଦଉଡୁଛି ପ୍ରଭୁ
ନ ନେଇତୁମର ନାଁ    ।

ଜନମରୁ ମତେ ଧାରୁଆ କରିଛ
କରଜ ନପାରେ ସୁଝି
ମାଡିତ ଗଲାଣି ସୁଧ କଳନ୍ତର
ମାୟାରେ ନପାରେ ବୁଝି    ।

ଯାହା ପାଇଁ ଯାହା ଦରକାର ପ୍ରଭୁ
ମନ ଜାଣି ଅଛ ଦେଇ
ବିପରୀତ ଦିଗେ ମଣିଷର ମନ
ଧାଉଁଛି କି ସୁଖ ପାଇଁ    ।

ମୁଁ ସିନା ପାମର ମୂର୍ଖ ହୀନ ନର
ତୁମେ ତ ଅନ୍ତରଯାମୀ
ମୋକ୍ଷ କର ପ୍ରଭୁ ମୋକ୍ଷ କର ପ୍ରଭୁ
ଏହି ମୋ ଶେଷ ମାଗୁଣି    ।

ରଣପଶି,ଢେଙ୍କାନାଳ

# କବିବର

ଲଳିତ କବି ଧ୍ରୁବ ଚରଣ ସ୍ୱାଇଁ

ପ୍ରକୃତି-ପୁରୋଧା କବି ରାଧାନାଥ
ଫିଟାଇଛ ମୋର ମାତୃଭାଷା-ପଥ ।

ବୁଲି ଆଜି ତବ ଚିଲିକାର ତୀରେ
ଦେଖିଲି ଯେ ଶୋଭା ନାହିଁ ମୋ ଭାଷାରେ ।

ପୀୟୁଷ-ଆବେଗେ ସେ ମଧୁର ଗାନ
ପରଶୀ ସଘନେ ମନ-ଅପଘନ ।

କି ପ୍ରେମ-ପ୍ରେରଣେ କଲା ଜାଗରିତ
କି ଦିବ୍ୟ କିରଣେ କଲା ଉଦ୍ଭାସିତ ।

ସେ ଆଦର୍ଶେ ହୋଇ ମୁଁ ଅନୁପ୍ରାଣିତ
ହେବି କି ସେ ପ୍ରଭା ବଳେ ପ୍ରଭାବିତ ।

ଭାସିଲି ଗୌରବ-ଗରବ-ସାଗରେ
ଶାଶ୍ୱତ-ପ୍ରବାହେ ନଶ୍ୱର ଶରୀରେ ।

ଜାଗ୍ରତ-ଦେବତା ମୋ ହୃଦ-ମନ୍ଦିରେ
ହେଲା ମୂର୍ତ୍ତିମନ୍ତ ଲଳିତ-ମନ୍ତ୍ରେ ।

ମରାଳ ମାଳିନୀ ଜଳେ ନବଚ୍ଛବି-
ଘେନି ଉଠିଲାକି ଗଉରବ-ରବି  ।

ମଣ୍ଡିଲାକି ଚିଲିକାର ନୀଳଜଳ
ଆଧୁନିକ ନବ ସାହିତ୍ୟ-କମଳ  ।

ଉତ୍କଳମାତାର ଯୋଗ୍ୟତମ ସୁତ
ହେ ବିଦଗ୍ଧ କବି ! ରାୟ  ରାଧାନାଥ  ।

**ଜହ୍ନିତଇଳା, ଢେଙ୍କାନାଳ**

# ଗଦ୍ୟ ବିଭାଗ

# ଶୂନ୍ୟବାଦ ଓ ଗୁରୁବାଦ

ଲଳିତ କବି ଧ୍ରୁବ ଚରଣ ସ୍ୱାଇଁ

(ଭାଗ- ୨)

ବେଦରେ କୌଣସି ଅବତାରବାଦ ନାହିଁ I ଏହା ପରବର୍ତ୍ତୀ ସମୟରେ ମହର୍ଷି ବେଦବ୍ୟାସ ଆବିର୍ଭାବ ହୋଇଥିଲେ I ସେ ସ୍ୱକୀୟ ଜ୍ଞାନ ବଳରେ ବେଦ ସମୁଦ୍ରକୁ ମନ୍ଥନ କରି ସାଧୁ-ସଜ୍ଜନ ମାନଙ୍କ ହିତାର୍ଥେ ପୁରାଣ; ମହାଭାରତ; ଭାଗବତ; ଆଧ୍ୟାତ୍ମ୍ୟ ରାମାୟଣ ରୂପୀ ଅମୃତଭାଣ୍ଡ ଗୁଡିକୁ ବିଶ୍ୱକୁ ଦେଇ ଅଛନ୍ତି I ବେଦତତ୍ତ୍ୱକୁ ଏକ ସହଜ ସରଳିକୃତ କରିବା ପାଇଁ ସେ ପ୍ରୟାସକରି ସୃଷ୍ଟିରେ ଶୂନ୍ୟବାଦକୁ ମୁଖ୍ୟାଂଶରେ ରଖି ଅବତାର ବାଦର ଜୟଗାନ କରିଛନ୍ତି I ତେଣୁ ମହାଭାରତରେ ପ୍ରଭୁଙ୍କ ଶରଣାପନ୍ନ ହୋଇ ସେ କ୍ଷମା ଭିକ୍ଷା କରିଛନ୍ତି I ହେ ପ୍ରଭୋ ଆପଣ ଅସୀମ, ଆପଣଙ୍କୁ ମୁଁ ସୀମିତ କରିଛି I ଆପଣ ଅରୂପ, ମୁଁ ଆପଣଙ୍କୁ ରୂପ ଦେଇଅଛି I ଯାବତ ଅପରାଧ ପାଇଁ ମୋତେ କ୍ଷମା କରିଦିଅନ୍ତୁ I

ତ ଦେବାଗ୍ନିଃସ୍ତଦାଦିତ୍ୟଂ ତଦ୍ ବାୟୁଃ ସ୍ତଦୁ ଚନ୍ଦ୍ରମାଃ

ତ ଦେବ ଶୁକ୍ରଂ ତଦ୍ ବ୍ରହ୍ମତା ଆପଃ ସପ୍ରଜାପତି I

(ଯଜୁଃ)

ଏହି ମହାବାକ୍ୟକୁ ମହର୍ଷି ବ୍ୟାସଦେବ ବିଶ୍ଳେଷଣ କରି ସୂର୍ଯ୍ୟପୁରାଣ, ଅଗ୍ନିପୁରାଣ, ବାୟୁପୁରାଣ, ଚନ୍ଦ୍ରପୁରାଣ ପ୍ରଭୃତି ଅଷ୍ଟାଦଶ ପୁରାଣ ରଚନା କରିଅଛନ୍ତି I ଏହି ଅନେକର ସମଷ୍ଟି ହିଁ ଏକ ବ୍ରହ୍ମ ଅଟନ୍ତି I

ବ୍ୟାସଜୀଙ୍କ ମତରେ ବ୍ରହ୍ମ ଏକ ମାତ୍ର ଦୁଇଟି ସ୍ୱରୂପ । ୧. ହିରଣ୍ୟଗର୍ଭ ରୂପ ସୂକ୍ଷ୍ମ । ୨. ବିରାଟ ରୂପ ସ୍ଥୂଳ । ହିରଣ୍ୟଗର୍ଭ ରୂପ ସୃଷ୍ଟି ପୂର୍ବରୁ ରହିଅଛି ମାତ୍ର ବିରାଟ ରୂପ ସୃଷ୍ଟି ପରେ ତହିଁରେ ଆରୋପ କରାଯାଇଅଛି ।

"ହିରଣ୍ୟ ଗର୍ଭଃ ସମବର୍ତ୍ତତାଗ୍ରେ" (ଯଜୁଃ)

ସ୍ରଷ୍ଟାଙ୍କର ସତ୍ତା ସର୍ବତ୍ର ବିଦ୍ୟମାନ । ଯେହେତୁ ସେ ନିରାକାର ଓ ସର୍ବବ୍ୟାପକ ଅଟନ୍ତି । ତେଣୁ ଏ ସୃଷ୍ଟି ବିଶ୍ୱବ୍ରହ୍ମାଣ୍ଡ; ସ୍ଥାବର, ଜଙ୍ଗମ କୀଟ, ପତଙ୍ଗ, ଚର ଅଚର ସବୁ ସ୍ରଷ୍ଟାଙ୍କର ସାକାର ବିଶ୍ୱରୂପ ବା ବିରାଟ ରୂପ । ପାଟ ପୋକ ଗୃହ ନିର୍ମାଣକରି ତା' ଭିତରେ ଲୁକାୟତ ଭାବରେ ରହିଲା ପରି ସ୍ରଷ୍ଟା ସୃଷ୍ଟି ମଧ୍ୟରେ ରହି ଖେଳ କରୁଛନ୍ତି । ବସାକୁ ଭାଙ୍ଗି ଦେଖିଲେ ପାଟ ପୋକ ଦେଖାଯାଏ; ମାତ୍ର ସୂକ୍ଷ୍ମାତି ସୂକ୍ଷ୍ମ ପରମାତ୍ମାକୁ ସୃଷ୍ଟି ମଧ୍ୟରେ ସ୍ଥୂଳ ଚକ୍ଷୁରେ ଦେଖିବା ସମ୍ଭବ ହୋଇପାରେ ନାହିଁ । ବିରାଟ ବିଶ୍ୱରୂପର ବର୍ଣ୍ଣନା ଉପନିଷେଦରେ ମଧ ଉଲ୍ଲେଖ ଅଛି ।

ଅଗ୍ନିର୍ମୂର୍ଦ୍ଧା ଚକ୍ଷୁସୀ ଚନ୍ଦ୍ର ସୂର୍ଯ୍ୟୌ<br>
ଦିଶଶେତ୍ରେଃ ବାକ୍ ବିବୃତାଶ୍ଚ ବେଦାଃ ।<br>
ବାୟୁଃ ପ୍ରାଣ ହୃଦୟ ବିଶ୍ୱମସ୍ୟ-<br>
ପଦଭ୍ୟାଂ ପୃଥିବୀ ହ୍ୟେଷସର୍ବ ଭୂତାନ୍ତରାତ୍ମା

ଅର୍ଥ- ଦ୍ୟୁଲୋକ ଯାହାଙ୍କର ମସ୍ତକ; ଚନ୍ଦ୍ର-ସୂର୍ଯ୍ୟ ଯାହାଙ୍କର ଦୁଇ ଚକ୍ଷୁ; ଦିଗସମୁହ ଯାହାଙ୍କର କର୍ଣ୍ଣ; ପ୍ରକାଶମାନ ବେଦସମୁହ ଯାହାଙ୍କର ମୁଖନିସୃତ ବାଣୀ; ବାୟୁ ଯାହାଙ୍କ ପ୍ରାଣ; ଯାହାଙ୍କ ହୃଦୟ ବିଶ୍ୱ; ପୃଥିବୀ ଯାହାଙ୍କର ପାଦଦେଶ; ସେ ସକଳ ପ୍ରାଣୀମାନଙ୍କ ଦେହରେ ଅନ୍ତରାତ୍ମା ରୂପେ ବିଦ୍ୟମାନ ହୋଇଛନ୍ତି । ମନୁସଂହିତାରେ ଲେଖା ଅଛି, ପରମାତ୍ମା ନିରାକାର ଅଟନ୍ତି । ଏହି ଜଗତ ପ୍ରପଞ୍ଚ ତାଙ୍କର ଦୃଶ୍ୟମାନ ଆକାର ମାତ୍ର ।

"ଏକ ମେବଂଦ୍ୱିତୀୟଂ "

ବ୍ରହ୍ମ ଏକ; ଅଦ୍ୱିତୀୟ ଅଟନ୍ତି । ମାୟାଶ୍ରିତ ବିଶ୍ୱରୂପ ତାଙ୍କର ଯୋଗମାୟା ବଳରେ ଦୃଶ୍ୟମାନ ହେଉଅଛି । ସେ ଇଚ୍ଛାକଲେ ଏ ବିଶ୍ୱରୂପର ସ୍ଥିତି ନିମିଷେ ମାତ୍ର ରହି ପାରିବ ନାହିଁ । ମାତ୍ର ହିରଣ୍ୟଗର୍ଭ ରୂପ ଚିରନ୍ତନ ରହିଥିବ । ଭୀମଭୋଇ ଏହି ମର୍ମରେ କହିଛନ୍ତି-

ବ୍ରହ୍ମବେନି ଭାଗକଲା ଅଧେ ବ୍ରହ୍ମାଣ୍ଡ ରଚିଲା
ଗୁପତ ହୋଇ ରହିଛି ଆହୁରି ଖଣ୍ଡେ ।

ଗୋଟିଏ ନିର୍ଗୁଣ ଆଉ ଗୋଟିଏ ଭାଗ ତ୍ରିଗୁଣ, ଏହି ତ୍ରିଗୁଣ ମାୟା ଦ୍ୱାରା ବ୍ରହ୍ମ ବ୍ରହ୍ମାଣ୍ଡ ରଚନା କରିଛନ୍ତି ।

**ଜହ୍ନିତଇଳା, ଢେଙ୍କାନାଳ**

# ବୁରା ନା ମାନୋ ହୋଲି ହେ

ରୋଜା ପଣ୍ଡା

ଗରିବ ହେଇ ଜନ୍ମ ନେବା କ'ଣ ଗୋଟେ ଅଭିଶାପ ? ଜଣେ ଗରିବ ଲୋକ କଣ ସମାଜରେ ଅଧିକାରର ସହିତ ବଞ୍ଚିପାରିବ ନାହିଁ ? କାହିଁକି ଏତେ ପାତର ଅନ୍ତର ? କାହିଁକି ଜଣେ ଗରିବ ଲୋକକୁ ସମାଜ ଏତେ ହୀନ ଆଖିରେ ଦେଖେ ? ଏହାର ଉତ୍ତର କିଏ ଦେବ ? ମୁଁ ନିଜକୁ ଏମିତି ପ୍ରଶ୍ନ ସବୁ ପଚାରି ଚାଲିଥିଲି ଯେତେବେଳେ ଗୋଟେ ଗରିବ ଲୋକଟିକୁ ସମାଜ ଦ୍ୱାରା ଲାଞ୍ଛିତ ହେଉଥିବାର ଦେଖିଲି ।

ଆଜି ଯେତେବେଳେ ଇନକମ୍ ଟ୍ୟାକ୍ସ କାମ ପାଇଁ ଉକ୍ତ ଅଫିସକୁ ଯାଇଥିଲି ସେଠାରେ ଏକ ଅଫିସ ଚୌକିଦାରଙ୍କୁ ଦେଖିଲି । ସେ ଖୁବ ବିନମ୍ର ଭାବରେ ସମସ୍ତଙ୍କ ଅଭ୍ୟର୍ଥନା କରୁଥିଲେ । ଯେଉଁ ଅଫିସର ମାନେ ଅଫିସକୁ ଆସୁଥିଲେ ସମସ୍ତଙ୍କୁ ସଲାମ କରୁଥିଲେ । କିନ୍ତୁ ଉକ୍ତ ଅଫିସରେ ଥିବା କେତେ ଜଣ ଉପର କର୍ମଚାରୀ ମାନେ ସେହି ଚୌକିଦାରଙ୍କୁ ବହୁତ ଖରାପ ବ୍ୟବହାର ପ୍ରଦର୍ଶନ କରୁଥିଲେ । ଚୌକିଦାରଜଣଙ୍କ ସବୁ ସହିଯାଉଥିଲେ । ମୁଁ ଏସବୁ ଦେଖି ତାଙ୍କ ପାଖକୁ ଗଲି ଏବଂ ତାଙ୍କୁ ପଚାରିଲି - ଆଜ୍ଞା ଆପଣ କାହିଁକି ଆପଣଙ୍କ ସହିତ ହେଉଥିବା ଖରାପ ବ୍ୟବହାରକୁ ସହିଯାଉଛନ୍ତି ? କାହିଁକି ଏସବୁ କୁ ପ୍ରତିବାଦ କରୁନାହାଁନ୍ତି ? ମୋ କଥା ଶୁଣି ସେଇ ଚୌକିଦାର ଜଣକ ଖୁବ୍ ବିନମ୍ର ଭାବରେ କହିଲେ - ମୁଁ ଗରିବ ପରା । ମୋର ଗୋଟାଏ ମାନ ସମ୍ମାନ କଣ ? ଚାକିରି ଖଣ୍ଡେ ପାଇଛି ବୋଲି ଅଳ୍ପ ବୋହୁତେ ମୋର ଗୁଜୁରାଣ ମେଣ୍ଟି ଯାଉଛି । ସ୍ତ୍ରୀ ପିଲା ମିଶି ଚାରି ପ୍ରାଣୀ । ଚାକିରି ଖଣ୍ଡକ ଚାଲିଗଲେ ଭୋକ ଉପାସରେ ମରିଯିବୁ । କିଏ କଣ ଟିକେ କହିଦେଲେ କି ଧକ୍କାଟିଏ ପକାଇଦେଲେ କଣ ମୋ ଜୀବନ ଚାଲିଯିବ ? ହେଲେ ମୁଁ କାହାକୁ କଣ ଟିକେ କହିଦେଲେ ପରା ମୋର ଚାକିରିଟା ଚାଲିଯିବ ଆଜ୍ଞା । ଦରମା ଟଙ୍କା ଯାହା ମିଳୁଛି ସେଥିରେ ଘର ଚଳୁନି ବୋଲି ମୁଁ ଦୁଇଜଣଙ୍କର ଡିଉଟି କରୁଛି ଅଧିକା ସମୟ, କିଛିଟା ଅଧିକା ଟଙ୍କା ପାଇଁ । ପୁଅଟା ସ୍କୁଲରେ ପଢ଼ିଲାଣି । ତାର ବହି, ଖାତା, କଲମ ଆଉ ସ୍କୁଲ ଦରମାରେ ଅଧା ଟଙ୍କା ସରିଯାଉଛି ।

ଆଉ ଝିଅଟି ଜମାରୁ ଦୁଇ ବରଷର । ସ୍ତ୍ରୀ ମୋର ଶ୍ୱାସରୋଗୀ ଆଜ୍ଞା । ଏଠି ଏଇ ବଡ ବଡ ଅଫିସରଙ୍କ ସାଙ୍ଗରେ ମୁହଁ ଯୋଡିଲେ କଣ ହେବ ?

ମୁଁ ଏସବୁ ଶୁଣି ବହୁତ ଦୁଃଖୀ ହେଇଗଲି । ସତରେ କଣ ଗରିବ ଲୋକମାନଙ୍କର ମାନ ସମ୍ମାନ ବୋଲି କିଛି ନାହିଁ । ସେ ଚୌକିଦାରଜଣଙ୍କ ଛୋଟ ଚାକିରି ଖଣ୍ଡେ କରିଛନ୍ତି ବୋଲି ତାଙ୍କର କଣ ସମାଜରେ ଇଜ୍ଜତ ବୋଲି କିଛି ନାହିଁ ? ଆମ ମାନଙ୍କର ସଂସ୍କାର କଣ ଏତେ ନୀଚ ? ଆମେ ଏତେ ପାଠ ପଢି,ଏତେ ଜ୍ଞାନ ଆହରଣ କରି ମଧ୍ୟ ଜଣେ ଚୌକିଦାର ସାମ୍ନାରେ ଛୋଟ ହେଇଯାଉନେ ତ ! ସେ ଗରିବ ହେଇ ମଧ୍ୟ ସଂସ୍କାର ଶିଖିଛନ୍ତି । ଅନ୍ୟମାନଙ୍କୁ ସମ୍ମାନ ଦେଉଛନ୍ତି । ହେଲେ ଆମ ଭଳି ଶିକ୍ଷିତ ଉଚ୍ଚ ପଦବୀଧାରୀ ଲୋକମାନେ କ'ଣ କରୁଛେ ? ଏମିତି ଗୁଡ଼ାଏ ପ୍ରଶ୍ନ ମୋ ମୁଣ୍ଡ ଭିତରକୁ ଆସିଯାଉଥାଏ ।

ହଠାତ୍ କେହିଜଣେ ମତେ କିଛି ପଚାରିବାର ଶୁଣିଲି," ଝିଅ କି ରଙ୍ଗ ନେବ ? ନାଲି, ନେଳି, ହଳଦୀ.. ।

ମୁଁ ଏସବୁ ଶୁଣି ଚମକି ପଡିଲି ଆଉ ମୋ ଚିନ୍ତା ରାଇଜରୁ ବାହାରି ଦେଖିଲି ଯେ ମୁଁ ଅନ୍ୟମନସ୍କ ହୋଇ କେତେବେଳୁ ଯେ ଉକ୍ତ ଅଫିସରୁ ବାହାରି ଏକ ରଙ୍ଗ ବଜ଼ାରରେ ପହଞ୍ଚି ସାରିଲିଣି । ବଜ଼ାରର ରଙ୍ଗ ପସରା ଦେଖି ମୋର ମନେ ପଡ଼ିଲା, ଆରେ କାଲି ପରା ହୋଲି ! ତା' ପରେ ଯେଉଁ ଆଡୁ ପ୍ରଶ୍ନ ଆସିଥିଲା ସେଇଆଡକୁ ବୁଲି ଚାହିଁଲି । ଦେଖିଲି ସାମ୍ନାରେ ଗୋଟେ ରଙ୍ଗ ଦୋକାନ ଲାଗିଛି । ରଙ୍ଗ ବିକ୍ରି କରୁଥିବା ମଉସା ଜଣଙ୍କ ବିଲକୁଲ ଗୋଟେ ଜୋକର ପରି ସଜେଇ ହେଇଛନ୍ତି । ଦେହରେ ରଙ୍ଗବେରଙ୍ଗର ଛିଟ ଛିଟ ସାର୍ଟକୁ ମୁଣ୍ଡରେ ଗୋଟେ ଇନ୍ଦ୍ରଧନୁ ପରି ପ୍ଲାଷ୍ଟିକ ଟୋପି ଆଉ ସେଥିରୁ ବାହାରିଛି ହାତେ ଲମ୍ବର ରଙ୍ଗ ବେରଙ୍ଗ ନକଲି ଝୋଟ ଚୁଟି । ଆଖିରେ ନାଲି ରଙ୍ଗର ଚଷମା । ଗୋଟେ ହାତରେ ରଙ୍ଗ ପ୍ୟାକେଟ ଏବଂ ଅନ୍ୟ ହାତରେ ଏକ ଖେଳନା ପିଚିକାରୀ । ଗ୍ରାହକ ମାନଙ୍କୁ ଆକର୍ଷିତ କରିବାପାଇଁ ଦୋକାନୀ ମଉସାଙ୍କର ଏହି ଚମତ୍କାର ବେଶ ଦେଖି ମୁଁ ବିସ୍ମିତ ହେଇ କିଛି କ୍ଷଣ ପାଇଁ ତାଙ୍କୁ ଚାହିଁ ରହିଲି ।

ଦୋକାନୀ ମଉସା ପୁଣି ପଚାରିଲେ , - କି ରଙ୍ଗ ନେବ ? ଅବିର ,ମୁଣ୍ଡଫଟା, ନା ଏଇ ନୂଆ ଖୁସ୍-ବୁଦାର ପ୍ୟାକେଟ ରଙ୍ଗ ? ପିଚିକାରୀ ନୋଉ ନା ? ଟୋପି ନବ ?

ମଉସାଙ୍କର ଏକାବେଳେ ଏତେ ଗୁଡ଼ାଏ ପ୍ରଶ୍ନ ଶୁଣି ଦୋକାନରେ ସଜା ହୋଇ ରଖା ଯାଇଥିବା ଥିବା ରଙ୍ଗ, ନାନାଦି ଟୋପି, ପିଚିକାରୀ ଏବଂ ବିଭିନ୍ନ ଆକୃତିର ଭଳିକିଭଳି ଆକର୍ଷଣୀୟ ହୋଲି ମୁଖା ଉପରେ ମୋର ନଜର ପଡିଲା I କଣ ନେବି କି ନ ନେବି ଭାବୁଥିବା ସମୟରେ ହଠାତ୍ କାହାର କଅଁଳ ସ୍ୱର ମୋର କାନରେ ବାଜିଲା I ବୁଲି କରି ଦେଖିଲି ଗୋଟେ ପାଞ୍ଚ ବର୍ଷର ଛୋଟ ପିଲାଟିଏ I ଦେହରେ ଗୋଟେ ମାଟିଆ ରଙ୍ଗର ହାତକଟା ଗଞ୍ଜି ସାଙ୍ଗକୁ ନୀଳ ରଙ୍ଗର ସ୍କୁଲ ପ୍ୟାଣ୍ଟ, ପାଦରେ ଜୋତା କି ଚପଲ କିଛି ନାହିଁ I ତାର କୁନି କୁନି ହାତରେ ଦୋକାନୀ ମଉସାଙ୍କୁ ପାଞ୍ଚ ଟଙ୍କା ଟିଏ ବଢ଼ାଇ କହୁଥିଲା - ମଉସା ରଙ୍ଗ ଦେଲ I ସେଇ କୁନିପିଲାର ନିରୀହ କଥା ଶୁଣି ମୁଁ ଆଉଥରେ ମୋର ଭାବନା ରାଇଜରେ ବୁଡ଼ିଗଲି I ଆଉ ମନେ ପଡ଼ିଲା ସେଇ ଚୌକିଦାରଙ୍କ କଥା I ଆଉ ମନେ ପଡ଼ିଲା କେତେ ଅଭାବ ଅନାଟନରେ ସେ ଚଳୁଛନ୍ତି I ସେ କଣ କାଲି ହୋଲି ଖେଳିବେ ? ସେ କଣ ତାଙ୍କ ଛୁଆ ମାନଙ୍କ ପାଇଁ ରଙ୍ଗ, ପିଚିକାରୀ କିଣିଥିବେ ? ହଠାତ୍ କାହିଁକି କେଜାଣି ସେଇ ଚୌକିଦାରଜଣଙ୍କୁ ହୋଲି ଉପଲକ୍ଷେ କିଛି ଭେଟି ଦେବାପାଇଁ ମନରେ ଆଗ୍ରହ ସୃଷ୍ଟି ହେଲା I ମୁଁ ଦୋକାନୀ ମଉସାଙ୍କ ଠାରୁ କିଛି ରଙ୍ଗ, ଦୁଇଟି ପିଚିକାରୀ ଆଉ ପାଖରେ ଥିବା ମିଠା ଦୋକାନରୁ ପୁଡାଏ ମିଠା କିଣିଲି I ନିଜ ପରିବାର ପାଇଁ ତ ସମସ୍ତେ ସବୁ ପର୍ବପର୍ବାଣୀରେ କିଛି ନା କିଛି କରନ୍ତି କିନ୍ତୁ ଆଜି ମୁଁ ଯେ ଜଣେ ଅଜଣା ଅଚିହ୍ନା ଚୌକିଦାର ପାଇଁ ଏମିତି କିଛି କରିବାକୁ ଉଦ୍ୟମ କରୁଥିବାରୁ ମନରେ ଏକ ଅଦ୍ଭୁତ କୌତୁହଳ ଏବଂ ଆନନ୍ଦର ଲହରୀ ଛୁଟୁଥାଏ I ଉକ୍ତ ଅଫିସ ଦ୍ୱାରରେ ଯେମିତି ପହଞ୍ଚିଲି ସୁଇଚ ଟିପା ରୋବଟ ଭଳି ସେଇ ଚୌକିଦାର ଜଣକ ନିଜ ଆସନ ଛାଡି ଠିଆ ହେଇଗଲେ ଏବଂ ସଲାମ ମାରି କହିଲେ - " ଗୁଡ଼ ଆଫଟର ନୁନ ମ୍ୟାଡାମ " I

ତାଙ୍କୁ ଚାହିଁ ମୁଁ ଟିକେ ହସିଦେଲି ଓ ଆଣିଥିବା ହୋଲି ଭେଟି ତାଙ୍କ ଆଡକୁ ବଢ଼ାଇ କହିଲି - " ହ୍ୟାପି ହୋଲି"

ଚୌକିଦାର ଜଣଙ୍କ ଟିକେ ଆହାପି ଗଲେ ଆଉ ସାମାନ୍ୟ ପଛଘୁଞ୍ଚା ଦେଇ କହିଲେ –

ଏ କଣ ମ୍ୟାଡାମ ?

ମୁଁ ସାମାନ୍ୟ ଚୌକିଦାର ଟିଏ । ମୁଁ କଣ ଏସବୁ ନେଇପାରିବି ?

ମୁଁ କହିଲି - ମଉସା, ମୁଁ ଯଦି ଆପଣଙ୍କର ଝିଅ ହେଇଥାନ୍ତି ତାହାଲେ କଣ ମନା କରିଥାନ୍ତେ ? ଏକଥା ଶୁଣି ଚୌକିଦାରଙ୍କ ଆଖି ଛଳ ଛଳ ହେଇଗଲା । ସେ କିଛି ପ୍ରତିଉତ୍ତର ଦେବା ପୂର୍ବରୁ ମୁଁ ଆଣିଥିବା ରଙ୍ଗ ପ୍ୟାକେଟରୁ କିଛି ରଙ୍ଗ ନେଇ ତାଙ୍କର ଦୁଇ ପାଦରେ ଅର୍ପଣ କରି ହୋଲିର ଶୁଭେଚ୍ଛା ଆଉଥରେ ଜଣାଇଲି ।

ଠିକ୍ ସେତିକିବେଳେ ଅଫିସ ବାରଣ୍ଡାର ଅପର ପକ୍ଷରୁ ଏକ ତୀବ୍ର ,କର୍କଶ ସ୍ୱର ଗୁଞ୍ଜି ଉଠିଲା ," ଏ କଣ କରୁଛନ୍ତି ମ୍ୟାଡ଼ମ ?

ଉଠି କରି ଦେଖିଲି ସୁଟ, ବୁଟ ଓ ଟାଏ ପିନ୍ଧା ଜଣେ ମୋଟା ସୋଟା ଭଦ୍ରଲୋକ କାଖତଳେ ଗୋଟେ ମୋଟା ଫାଇଲ ଜାକି କରି ଠିଆ ହୋଇଛନ୍ତି । ବେଶଭୂଷାରୁ ପ୍ରତୀତ ହେଉଥିଲା ଯେ ସେ ଭଦ୍ରବ୍ୟକ୍ତି ଜଣକ ଏହି ଅଫିସର ଜଣେ ଉଚ୍ଚପଦସ୍ଥ କର୍ମଚାରୀ ହୋଇଥିବେ ବୋଲି । ମୁଁ ଦେଖିଲି ସେ ଆମ ଆଡ଼କୁ ଅଗ୍ରସର ହେଉଛନ୍ତି ।

ଚାଲୁ ଚାଲୁ ଆଉଥରେ ସେଇ ଭଦ୍ରବ୍ୟକ୍ତି ଜଣକ କର୍କଶ ସ୍ୱରରେ କହିଚାଲିଲେ - ସେ ଜଣେ ସାମାନ୍ୟ ଚୌକିଦାର । ତାକୁ ଏସବୁ ଦେବା କଣ ଦରକାର ? ତା ପରି ଗରିବ ଲୋକ ଏସବୁ କଣ ବୁଝିବ ? ସେ କଣ ଏସବୁ କେବେ ଆଗରୁ ଦେଖିଥିବ ? ଏମିତି କେତେ କଟୁ କଥା କହି କହି ସେ ଆମ ପାଖରେ ଆସି ପହଞ୍ଚିଲେ ।  ଏପଟେ ଅପମାନରେ ଚୌକିଦାର ମଉସାଙ୍କ ମୁହଁ ଲାଲ୍ ପଡିଯାଇଥାଏ ।

ମୋ ମନ ମଧ୍ୟ ରାଗରେ ଜଳି ଉଠୁଥାଏ । ମନେ ହେଉଥାଏ ଯେ ଗରିବର ଗରିବତାକୁ ଅଟ୍ଟହାସ୍ୟ କରୁଥିବା ସେଇ ସମ୍ଭ୍ରାନ୍ତ , ଅଭଦ୍ର, ଭଦ୍ରବ୍ୟକ୍ତିଙ୍କୁ ପାଦରୁ ଚପଲ କାଢି ସେକି ଦେଇଯାଆନ୍ତି । କିନ୍ତୁ କିଛି କ୍ଷଣ ନିଜକୁ ସଂଯତ କରି ମିଠା ପ୍ୟାକେଟରୁ ମିଠା ଗୋଟେ କାଢି ତାଙ୍କ ଆଡେ ବଢ଼ାଇ ଦେଇ କହିଲି - ବୁରା ନା ମାନୋ ହୋଲି ହେ ....।

ନେତାଜୀ ନଗର, ମଧୁପାଟଣା
କଟକ

# ସମୟର ଅନ୍ତରାଳରେ

ସୋନାଲି ସ୍ୱାଇଁ

ପଥଭ୍ରଷ୍ଟ ଜୀବନ ଯେବେ ଏକ ଦିଗ ପାଇଯାଏ ବା ଯେବେ ଏକ ଲକ୍ଷ୍ୟପୂର୍ଣ୍ଣ ଜୀବନ ପଥଚ୍ୟୁତ ହୋଇଯାଏ, ଜୀବନରେ ଭାର ଯେବେ ଅସହାୟ ହୁଏ, କେଜାଣି କଣ ପାଇଁ ଇଚ୍ଛା ହୁଏ ଫେରିଯିବାକୁ ଅତୀତକୁ । ପୁଣି ଇଚ୍ଛା ହୁଏ, ଅତୀତର ସମୁଦ୍ରରୁ ପାଛୋଟି ଆଣିବାକୁ ସେଇ ଅମୁଲ୍ୟ ଶାମୁକା, ପିଲାଦିନକୁ । ଇଚ୍ଛା ତ ମନ ଭିତରେ ହିଁ ରହିଯାଏ, ନା କେବେ ଯାଇହୁଏ ସେ ପିଲାଦିନକୁ, ନା ଭବିଷ୍ୟତରେ ବି କେବେ ଯାଇହେବ । ଆଗକୁ ପାଦ ନ ବଢ଼ାଇ ଯେତେବେଳେ ଅତୀତକୁ ଫେରିଯିବାକୁ ମଣିଷ ପ୍ରୟାସ ଆରମ୍ଭ କରିବା ମାତ୍ରକେ ଏହି "ସମୟ" ଅଟ୍ଟହାସ୍ୟ କରି କହେ "ଆରେ ତତେ ଆଗକୁ ବଢିବାର ଅଛି , ପଛକୁ ଫେରିବାର ନୁହେଁ। ବାସ୍ତବରେ ସମୟର ଅଟ୍ଟହାସ୍ୟଟି ମଧ ଅପ୍ରିୟ ସତ୍ୟ । ସଫଳତାର ଶୀର୍ଷରେ ପହଞ୍ଚିବାକୁ ହେଲେ ନିଶୁଣିର ପ୍ରତିଟି ପାହାଚକୁ ଅତିକ୍ରମ କରିବାକୁ ପଡ଼ିବ ।  ପଛକୁ ଫେରିବା ତ ଏକ ପଳାତକର କାର୍ଯ୍ୟ ହୋଇଥାଏ  ।

ବେଳେବେଳେ ପାଦ ପଛକୁ ନ ଫେରିଲେ ମଧ "ମନ" ଆପେ ଆପେ ପିଲାବେଳ ପାଖକୁ ପଳାଇଥାଏ । ଚକ୍ଷୁଦ୍ୱୟରୁ ଆପେଆପେ ଶ୍ରାବଣର ବାରିଧାରା ଛୁଟିଥାଏ । ମନେ ପଡେ ସେହି ପିଲାଦିନ, ନା ଥିଲା ଯନ୍ତ୍ରଣା, ନା ଥିଲା ଛଳନା । କେମିତି ହସ ଖୁସିରେ କଟିଯାଉଥିଲା ଦିନ ସବୁ । ବାପା, ମା, ଭାଇ, ଭଉଣୀ, ଦାଦା, ଖୁଡୀଙ୍କ ଗହଣରେ ଦୁଃଖର ତିଳେମାତ୍ର ସ୍ପର୍ଶ ନଥିଲା ହୃଦୟକୁ । ମନେପଡେ ସିଲଟ, ଖଡି ନେଇ ସ୍କୁଲକୁ ଯିବାର ଦିନ । ମିଛରେ ମା ଆଗରେ ମୁଣ୍ଡ ବିନ୍ଧୁଛି କହି ପାଠ ନ ପଢ଼ିବାର ବାହାନା, ପେନସିଲର ଏକ ସୁନ୍ଦର ମୁନ କରିବା ପାଇଁ ପୁରା ଓଳାଇ ଓଳାଇ ୧୫ ସେ.ମି ରୁ ୧ ସେ.ମି କରିନେବା ।  ନିଜ ରବରରେ ନିଜ ନାମ ଲେଖିବା । ଆଉ ରଫ୍ ଖାତାର ଶେଷ ପୃଷ୍ଠାରେ ଛକି, ଶୂନ ଖେଳିବା । "ମୁଁ ତୋ ସାଙ୍ଗ ହେବିନି, ତୁ କ'ଣ ପାଇଁ ମତେ ଚକୋଲେଟ୍ ଦେଲୁନି " । ସମସ୍ତେ ତାଙ୍କ ପିଲାଦିନରେ ନିଶ୍ଚୟ ଏହି ଉକ୍ତିଟାକୁ ବ୍ୟବହାର କରିଥିବେ ।

ରାତି ଅଧରେ ଭୂତ ସ୍ୱପ୍ନ ଦେଖି କଇଁ କଇଁ କାନ୍ଦିବା, ବୁଢ଼ୀ ମା'ଠୁ କେବଳ ପରୀ ଗପ ଶୁଣିବା I ବାପାଙ୍କ ପାଖରୁ ଜିଦି କରି ପଇସା ଆଣି ମିକ୍-ଶ୍ଚର ଖାଇବା I ଆଉ ବି ମନେ ପଡେ ରାସ୍ତା ସାରା ଦୌଡ଼ି ଦୌଡ଼ି କଙ୍କି, ପ୍ରଜାପତି ଧରିବା I

ପାଠ ପଢିବା ସମୟରେ ବହିର ମଝି ପୃଷ୍ଠାରେ ମୟୁରପର ପକାଇ ତା ଉପରେ ପାଉଡର ଛିଞ୍ଚିବା I ଅମରପୋଇ ଗଛରୁ ଏକ ନୂଆ ଗଛ ସୃଷ୍ଟି ହେବ ଭାବି ମାସ ମାସ ଅପେକ୍ଷା କରିବା I ଆଉ ବି ବହୁତଥର କାନ୍ଥରେ ଥିବା ଫ୍ୟାନ୍ ସ୍ୱିଚ୍ କୁ ମଝି ମଝିଆ ରଖିକି ଗାଳି ଶୁଣିବାକୁ ପଡ଼ିଛି I ଏବେକାର ପିଲାମାନେ କିଏ ଭଲପାଇ ଭୁଲିଗଲେ ଧୋକା ବୋଲି କହୁଛନ୍ତି ହେଲେ ପ୍ରକୃତ ଧୋକା ତ ମୋତେ ସେଦିନ ମିଳିଥିଲା ଯୋଉଦିନ ମୋ ମାଆ ସୋୟାବିନ୍ ବଡ଼ି ତରକାରୀକୁ ମାଂସ ତରକାରୀ କହି ଆମକୁ ଖୁଆଇ ଦେଇଥିଲା I

ଛୋଟବେଳର ସବୁଠୁ ଆଶ୍ଚର୍ଯ୍ୟଜନକ ପ୍ରଶ୍ନ ଥିଲା.... ଟିଭି ଭିତରେ ଲୋକମାନେ କେମିତି ପଶୁଛନ୍ତି ? ଆମ ସାର୍ ତ ଏମିତି କଥା କୁହନ୍ତି ଯେ ପଛରେ ବସିଥିବା ପିଲାଙ୍କୁ ଶୁଭେନି କିନ୍ତୁ ସେ ଫୋନଟାରେ କ'ଣ ଏମିତି ଅଛି ଯେ ଦୂରରୁ କଥା ଶୁଭୁଛି ? ଆରେ ସେ ଫ୍ରିଜ଼ର ଲାଇଟ୍ ଟା କେତେବେଳେ ବନ୍ଦ ହଉଛି ? ..ଗଣିତ ସାର୍ ବହିର ସବୁ ଗଣିତର ଉତ୍ତର କେମିତି ମନେ ରଖିଛନ୍ତି ?

ସମୟର ଚକ୍ରରେ ବଦଳିଯାଇଛି ଦୁନିଆ I ବଦଳି ଯାଇଛି ସେ ସମୟ, ସେ ପିଲାଦିନ ହେଲେ କିଛି ସ୍ମୃତି ଏମିତି ଅଭୁଲା ଯେ ଯେତେ ଚେଷ୍ଟା କଲେ ବି ଭୁଲି ହୁଏନି I ବର୍ତ୍ତମାନର ମୋବାଇଲ୍ ଆଉ ଇଣ୍ଟରନେଟ ଯୁଗରେ ମଣିଷ ପୁରା ଛନ୍ଦି ହୋଇଯାଇଛି, ଯେତେ ଚିତ୍କାର କଲେ କେହି ବି ଶୁଣୁନାହାଁନ୍ତି ତ ଆଉ ବାହାରିବାକୁ ପ୍ରୟାସ କରି ମଧ୍ୟ ଏ ମଣିଷ ଆଜି କ୍ଳାନ୍ତ ହୋଇପଡୁଛି I

ତ୍ରାହି........ତ୍ରାହି......ର ଧ୍ୱନିରେ ଦୁନିଆ କମ୍ପି ଉଠୁଛି ନା କିଛି କରିହଉଛି ନା କିଛି କରିହେବ ବୋଲି ଆଶା ଅଛି I ସମୟର ଅନ୍ତରାଳରେ .......ଯାହା ଚାଲିଛି .....ଚାଲିଛି......

ବୋରିକିନା, ଜଗତସିଂହପୁର

# ପିତାମହ

ପ୍ରଶାନ୍ତ କୁମାର ନାୟକ

(ଭାଗ -୧)

ଚଉଦ ଫେବୃଆରୀ ୧୯୯୨, ଶୁକ୍ରବାର, ଏକାଦଶୀ ତିଥି, ମୃଗଶିର୍ଷା ଆଦ୍ର ନକ୍ଷତ୍ର, ଶୁଭ ସକାଳର ଠିକ୍ ଆଠ ଘଟିକା ସମୟ, ଆଲ୍ଲାହାବାଦ ସହରର ଏକ ଚିକିତ୍ସାଳୟର ତୃତୀୟ ମହଲାର ମାଟରନିଟି ୱାର୍ଡ଼ରୁ ଚିତ୍କାର କରିଚାଲିଥିଲେ କାବ୍ୟାଞ୍ଜଳି । କକ୍ଷର ବାହାରେ ପତି ସାଧବ ମିଶ୍ର ଏବଂ ତାଙ୍କର ସମ୍ପୂର୍ଣ୍ଣ ପରିବାର ଅଧୈର୍ଯ୍ୟ ଅବସ୍ଥାରେ ଅପେକ୍ଷାରତ । ବହୁତ ଯନ୍ତ୍ରଣା ସହିବା ମଧ୍ୟରେ ଏହି ଶୁଭ ମୁହୁର୍ତରେ ଏ ଧରା ବକ୍ଷକୁ ଆସିଥିଲେ କନ୍ୟା 'ବେଦାଂଶୀ'। ହଠାତ୍ କାବ୍ୟାଞ୍ଜଳିଙ୍କର ଚିତ୍କାର ସ୍ତବ୍ଧ ହୋଇଯାଇଥିଲା ଏବଂ ଏକ ଅଜଣା ଅଶୁଣା ସ୍ୱରଟି ବହୁତ ସୁନ୍ଦର ଭାବରେ ସମସ୍ତଙ୍କୁ ନିଜ ଆସିବାର ଆଭାସ କରାଇ ଗାଇଚାଲିଥିଲା 'କୁଆଁ କୁଆଁ'। ସମ୍ପୂର୍ଣ୍ଣ ପରିବାର ପ୍ରଫୁଲ୍ଲିତ ହୋଇଉଠିଥିଲେ । କନ୍ୟାର ଆଗମନରେ ଖୁସି ପ୍ରକାଶ କରି ସାଧବ ମିଶ୍ର ଚିକିତ୍ସାଳୟରେ ସମସ୍ତଙ୍କୁ ଲଡୁ ଖୁଆଇଚାଲିଥିଲେ ।

ମିଶ୍ର ପରିବାର ଆଲ୍ଲାହାବାଦଠୁ ଦୂରରେଥିବା ଛୋଟ ସହର ରେୱାର ବାସିନ୍ଦା । ଦୁଇଦିନ ପରେ ଚିକିତ୍ସାଳୟରୁ ବାହାରି କାବ୍ୟାଞ୍ଜଳି ଓ ସାଧବ ନିଜର କନ୍ୟା ବେଦାଂଶୀକୁ ନେଇ ପହଞ୍ଚିଥିଲେ ରେୱା ସହରରେ । ଶିଶୁକନ୍ୟା ଯେ ବହୁତ ଶୁଭ ମୁହୁର୍ତରେ ଜନ୍ମ ନେଇଥିଲେ । ସମସ୍ତ ପଡୋଶୀମାନେ ଆସି ମିଶ୍ର ପରିବାରଙ୍କୁ ଶୁଭେଚ୍ଛା ଦେଇଚାଲିଥିଲେ । ଶିଶୁଟି କାବ୍ୟାଞ୍ଜଳି ଓ ସାଧବ ମିଶ୍ରଙ୍କର ପ୍ରଥମ ଶିଶୁ । ଘରେ ଖୁସିର ମହଲ, ପରିବାରଟି ଛୋଟ ସହରରେ ରହୁଥିଲେ ମଧ୍ୟ ବହୁତ ପ୍ରସିଦ୍ଧ ପରିବାର । ସାଧବଙ୍କର ପିତା 'ବୃହସ୍ପତି ମିଶ୍ର' ଏକ ପ୍ରଖ୍ୟାତ ପଣ୍ଡିତ ଓ ସେ ଅଞ୍ଚଳରେ ବୈଦିକ ଜ୍ଞାନର ପ୍ରଚାରରେ ମୁଖ୍ୟ ଭୂମିକା ନେଇ ଚାଲିଥିଲେ । ତେଣୁ ତାଙ୍କୁ ଗୁରୁ ବୃହସ୍ପତିଙ୍କ ପରି ମାନ ସମ୍ମାନ ମିଳି ଚାଲିଥାଏ । ସେ ପୁରୁଣା ସମୟର ରୀତିନୀତିକୁ ନେଇ ବହୁତ ଶକ୍ତ । ସେ ଆଧୁନିକତାକୁ ଗ୍ରହଣ କରନ୍ତି କିନ୍ତୁ କେତେକ କ୍ଷେତ୍ରରେ ସେ ପୁରାତନ ନିୟମମାନଙ୍କୁ ଖୁବ୍ ଧରି ରଖିଥାନ୍ତି । ସାଧବ ମଧ୍ୟ

ପିତାଙ୍କପରି ଜ୍ଞାନ ଅର୍ଜନକରି ରେୱାସ୍ଥିତ ମହାବିଦ୍ୟାଳୟରେ ସଂସ୍କୃତ ବିଭାଗରେ ଅଧ୍ୟାପକ ଭାବରେ କାର୍ଯ୍ୟରତ ଥିଲେ । ସେ ନିଜ ଜୀବନରେ ସର୍ବଦା ସଚ୍ଚୋଟ ଓ ସରଳ ଧାରାରେ ଚାଲିବାକୁ ପସନ୍ଦ କରୁଥିଲେ । ସେ ନିଜ ପରିବାରକୁ ମଧ ଧର୍ମ ଓ ଭକ୍ତିର ବାଟରେ ସର୍ବଦା ପରିଚାଳିତ ହେବାକୁ ଉପଦେଶ ଦେଇ ଆସୁଥିଲେ ।  ଛୋଟବେଳୁ ବେଦାଂଶୀ ପିତା ଓ ପିତାମହଙ୍କଠୁ ଭକ୍ତି ଓ ଜ୍ଞାନର ଶିକ୍ଷା ପାଇପାରିଥିଲେ । ନିଜର ଶିକ୍ଷା ସହିତ ସେ ମଧ ଗୀତା, ରାମାୟଣ, ମହାଭାରତ ଇତ୍ୟାଦି ପୁସ୍ତକ ଗୁଡିକୁ ପଢି ନିଜର ଆଧ୍ୟାତ୍ମିକ ଜ୍ଞାନକୁ ବଢାଇପାରିଥିଲେ ଏବଂ ଏହିପ୍ରକାର ଈଶ୍ୱର ଭକ୍ତି ଓ ଉଦାରତାକୁ ଦେଖି ସମସ୍ତ ପରିବାର ବେଦାଂଶୀକୁ ନେଇ ଯେ ଗର୍ବର ଅନୁଭୂତି କରିପାରୁଥିଲେ । ସେ ନିଜର ନାମକୁ ସାର୍ଥକ କରିପାରିଥିଲେ । ପରିବାରରୁ ଶିକ୍ଷା ହିସାବରେ ବେଦାଂଶୀ ଏକ ଅଦ୍ଭୁଦ ଜ୍ଞାନ ପାଇପାରିଥିଲେ । ତାହାଥିଲା ଯେ ନିଜର ମନକୁ ଓ ଇନ୍ଦ୍ରିୟକୁ ନିଜ ଅଧୀନରେ ରଖି, ଈଶ୍ୱରଙ୍କ ଉପରେ ଆସ୍ଥା ରଖି ସର୍ବଦା ହସ ଓ ଖୁସିର ସହିତ ଜୀବନ ପରିଚାଳନା କଲେ ମନୁଷ୍ୟର ବାହାର ସୌନ୍ଦର୍ଯ୍ୟ ସହିତ ଅନ୍ତରର ସୌନ୍ଦର୍ଯ୍ୟ, ତାକୁ ଦୁଇଗୁଣ ଭାବରେ ସୁନ୍ଦର କରିପାରିଥାଏ । ତେଣୁ ବୟସ ବଢିବା ସହିତ ବେଦାଂଶୀଙ୍କର ସୌନ୍ଦର୍ଯ୍ୟର ଚର୍ଚ୍ଚା ସେହି ଛୋଟ ସହରର ପ୍ରତ୍ୟେକ ବାସିନ୍ଦାଙ୍କୁ ଜଣାପଡ଼ି ଯାଇଥାଏ ।

ପ୍ରାୟ ବିଦ୍ୟାଳୟର ଶିକ୍ଷା ଶେଷ ହେବାକୁ ଆସିଲାଣି । ଏଥର ବେଦାଂଶୀ ମହାବିଦ୍ୟାଳୟରେ ପାଠ ପଢିବାକୁ ଯିବାର ସମୟ ହୋଇଯାଇଥାଏ । କନ୍ୟାକୁ ଦୁରକୁ ଯିବାକୁ ନଦେଇ ପିତାମହ ବୃହସ୍ପତି ତାଙ୍କୁ ସେହି ସହରସ୍ଥିତ ରେୱା କଲେଜରେ ପଢିବାକୁ ଆଦେଶ ଦେଇଥିଲେ I ସାଧବ ନିଜର ପିତାଙ୍କର ପୂର୍ଣ୍ଣରୂପରେ ସମ୍ମାନ କରିଥାନ୍ତି । କାବ୍ୟାଞ୍ଜଳି ଓ ସାଧବ କନ୍ୟା ବେଦାଂଶୀଙ୍କୁ ଆଲ୍ଲାହାବାଦ ସ୍ଥିତ ମହାବିଦ୍ୟାଳୟରେ ପଢ଼ାଇବାକୁ ନିଶ୍ଚୟ କରିଥିଲେ, କିନ୍ତୁ ସେମାନେ ଯେ ସାହାସକରି ପିତା ବୃହସ୍ପତିଙ୍କୁ ଏ ପ୍ରସ୍ତାବ ଦେଇପାରିନଥିଲେ । ଇଚ୍ଛାକୁ ଦବାଇରଖି, ସେ ବେଦାଂଶୀଙ୍କୁ ରେୱାସ୍ଥିତ ମହାବିଦ୍ୟାଳୟରେ ପଢ଼ିବାର ବ୍ୟବସ୍ଥା କରିଥିଲେ । ନିଜର ପିତା ସାଧବ ସେହି ମହାବିଦ୍ୟାଳୟରେ ଅଧ୍ୟାପକ ଥିବାରୁ ବେଦାଂଶୀ ପ୍ରାୟ ପିତାଙ୍କ ସହିତ ସ୍କୁଟରରେ ବସି ଯିବାଆସିବା କରୁଥିଲେ ।

ବେଦାଂଶୀ ସେଠାରେ ସାହିତ୍ୟ ବିଭାଗରେ ପାଠ ପଢୁଥିଲେ । ସେ ଯେ ଛୋଟ ସମୟରୁ ଭାରତୀୟ ସାହିତ୍ୟ ଓ ସଂସ୍କୃତି ସହିତ ଜଡିତ ବିଷୟ ଗୁଡିକୁ ଖୁବ ଭଲରୂପରେ ବୁଝିପାରିଥିଲେ । ତେଣୁ ସାହିତ୍ୟ ବିଭାଗରେ ସେ ଖୁବ ଚର୍ଚ୍ଚାର ବିଷୟ ହୋଇଯାଇଥିଲେ । ଅଳ୍ପ ସମୟ ମଧ୍ୟରେ ସେ ସାହିତ୍ୟ ବିଭାଗର ଏକ ମହତ୍ୱପୁର୍ଣ ବ୍ୟକ୍ତିତ୍ୱ । ତେଣୁ ଅନ୍ୟ ସବୁ ବିଭାଗର ଛାତ୍ରଛାତ୍ରୀମାନେ ତାଙ୍କର ଚର୍ଚ୍ଚା ଶୁଣିଚାଲିଥିଲେ । ସେ ନିଜର ପରିବାରର ଶିକ୍ଷା ଯୋଗୁ ଗୀତାଠୁ ଆରମ୍ଭକରି ବେଦ ପର୍ଯ୍ୟନ୍ତ ଯେ ସବୁର ପାଠକରିଥିଲେ ଏବଂ ମନେବି ରଖିପାରିଥିଲେ । ସେ ବାହାରର ସୌନ୍ଦର୍ଯ୍ୟକୁ ସେ ସବୁ ଗୁଣ ଦ୍ୱାରା ଦୁଇଗୁଣ କରିପାରିଥିଲେ ।

ମହାବିଦ୍ୟାଳୟର ବାର୍ଷିକ ନିର୍ବାଚନର ସମୟ ଆସିଥାଏ । ନିଜର ବିଭାଗୀୟ ଛାତ୍ରଛାତ୍ରୀ ଓ ଶିକ୍ଷକମାନେ ପରାମର୍ଶ ଦେଇଥିଲେକି ବେଦାଂଶୀ 'କଲ୍ଚରାଲ ସେକ୍ରେଟାରୀ' ପଦବୀପାଇଁ ଏକ ଉତ୍ତମ ବ୍ୟକ୍ତିତ୍ୱ, ତେଣୁ ସେ ଏ ପଦବୀପାଇଁ ନିର୍ବାଚନରେ ଭାଗନେବା ଉଚିତ୍ । ପିତା ମଧ ଏଥିରେ ପୂର୍ଣ୍ଣରୂପରେ ରାଜିଥିଲେ । ପିତାମହ ବୃହସ୍ପତି ବି ଏଥିରେ କିଛି ବାଧା ଉପୃନ୍ନ କରିନଥିଲେ । ନିର୍ବାଚନ ସମୟରେ ପ୍ରତ୍ୟେକ ପ୍ରାର୍ଥୀମାନଙ୍କୁ ଅନ୍ୟ ସମସ୍ତ ଛାତ୍ରଛାତ୍ରୀମାନଙ୍କ ସମ୍ମୁଖରେ ମଞ୍ଚ ଉପରେ ଛିଡ଼ାହୋଇ ଏ ଦର୍ଶାଇବାକୁ ପଡିଥାଏ ଯେ ସେ କେଉଁ ଦୃଷ୍ଟିରୁ ସର୍ବୋତ୍ତମ ପ୍ରାର୍ଥୀ ଏବଂ ଅନ୍ୟ ଛାତ୍ରଛାତ୍ରୀମାନେ ତାଙ୍କୁ କେଉଁଥି ପାଇଁ ବିଜୟ କରିବା ଉଚିତ୍ । ସେଦିନ ଏକ ଅତ୍ୟଧିକ ସୁନ୍ଦର ରୂପ ଧାରଣ କରିବାକୁଯାଇ ବେଦାଂଶୀ ନିଜକୁ ଭାରତୀୟ ସଂସ୍କୃତିର ରୂପରେଖ 'ଶାଢ଼ୀ' ରେ ସୁସଜ୍ଜିତ କରିଥିଲେ । ସେ ଯେଉଁ ସମୟରେ ସେ ମଞ୍ଚ ଉପରକୁ ଯାଉଥିଲେ, ସେଠାରେ ଉପସ୍ଥିତ ଛାତ୍ରଛାତ୍ରୀମାନେ, ଶିକ୍ଷକମଣ୍ଡଳୀ ଓ ପିତା ସାଧବ ମିଶ୍ରଙ୍କୁ ମଧ ଏପରି ଲାଗୁଥାଏ ଯେ ଦେବୀ ସୀତା କିମ୍ବା ଦେବୀ ସରସ୍ୱତୀ ସ୍ୱୟଂ ଏ ଧରାପୃଷ୍ଠକୁ ଆସିଗଲେ । ଉପସ୍ଥିତ ଜନମଣ୍ଡଳୀକୁ ସାଦରପୂର୍ବକ ସମ୍ମାନ ଜଣାଇ ସେ କହିଉଠିଥିଲେ; ଆଦରଣୀୟ ବିଦ୍ୱାନ ଜନମଣ୍ଡଳୀ, ଛାତ୍ରଛାତ୍ରୀ ଓ ଶିକ୍ଷକ-ଶିକ୍ଷୟତ୍ରୀ, ମୁଁ ବେଦାଂଶୀ ମିଶ୍ର ଆପଣମାନଙ୍କୁ ହୃଦୟର ସହିତ ସ୍ୱାଗତ କରୁଛି ଏବଂ ଆପଣମାନଙ୍କର ବହୁମୂଲ୍ୟ ସମୟପାଇଁ ବହୁତ ବହୁତ ଧନ୍ୟବାଦ ଜଣାଉଛି. ଛାତ୍ରଜୀବନ ମନୁଷ୍ୟର ଜୀବନଧାରାରେ ହୁଏତ ସବୁଠୁ ଉତ୍ତମ ସମୟ । ଏହି ସମୟରେ ପ୍ରତ୍ୟେକ ଛାତ୍ର ନିଜର ଶିକ୍ଷାଗତ ଯୋଗ୍ୟତା ବଢାଇବା ସହିତ ନିଜର

ଚରିତ୍ର ଗଠନ କରିଚାଲିଥାନ୍ତି । ଏହି ସମୟରେ ସେ ନିଜର ମହାନ ଦେଶର ପୌରାଣିକ, ଐତିହାସିକ କାହାଣୀଗୁଡ଼ିକ ଶୁଣିଥାନ୍ତି ଏବଂ ପଢ଼ିବିଥାନ୍ତି । ସେଥିରୁ ଯଥୋଚିତ ଶିକ୍ଷା ଗ୍ରହଣକରି ସେ ନିଜର ବର୍ତ୍ତମାନକୁ ଗଢିଥାନ୍ତି ଏବଂ ନିଜର ଭବିଷ୍ୟତ ତ ପୂର୍ଣ୍ଣରୂପରେ ବର୍ତ୍ତମାନ ଉପରେ ନିର୍ଭରକରେ । ତେଣୁ ଆଜି ମୁଁ ଆପଣମାନଙ୍କୁ ସେହି ପୁରାଣ ପୃଷ୍ଠାରୁ ଏକ କାହାଣୀ ଶୁଣାଇବି ଏବଂ ଏଥିସହିତ ମୋର ପ୍ରାର୍ଥୀତ୍ୱର କାରଣ ମଧ୍ୟ ଜଣାଇବି ।

ଭାରତଦେଶର ମହାନ ଇତିହାସ ସର୍ବଦା ଯୁବପିଢ଼ିକୁ ଭାଇଚାରାର ଶିକ୍ଷା ଦେଇଥାଏ । ପ୍ରତ୍ୟେକ ସମୟରେ ବିବାଦ ଓ ହିଂସାକୁ ଦମନକରି ଶାନ୍ତି ଓ ପ୍ରେମର ଧାରା ଏ ଦେଶର ଶରୀରରେ ବହିଚାଲିଥାଏ । ପ୍ରସିଦ୍ଧ ଗ୍ରନ୍ଥାବଳୀଗୁଡ଼ିକୁ ପଢ଼ିଦେଲେ ଯେ ମନୁଷ୍ୟ ଜ୍ଞାନୀ ହୋଇଥାଏ, ତା ନୁହେଁ, ଏସବୁ ଚରିତ୍ରରୁ କିଛି ଶିକ୍ଷା ଗ୍ରହଣ କରିପାରିଲେ ଯାଇ ମନୁଷ୍ୟ ନିଜର ଚରିତ୍ର ଗଠନ କରିପାରିବ । ଯେ କୌଣସି ଧର୍ମରେ ବିଶ୍ୱାସ କରୁଥିଲେ ମଧ୍ୟ ପ୍ରତ୍ୟେକ ପ୍ରାଣୀ ସେହି ସତ୍ୟର ଖୋଜରେ ଲାଗିଥାଏ । ସେହି ସତ୍ୟଟି ହେଉଛି ଈଶ୍ୱର ବା ଆଲ୍ଲା ବା ଜିସସ୍ । ମୋର ଏହି କ୍ଷୁଦ୍ରଗଳ୍ପଟି ଆପଣମାନଙ୍କୁ ସେହି ପରମଶକ୍ତିଙ୍କୁ ଖୋଜିବାରେ ସାହାଯ୍ୟ କରିପାରିବ । ବର୍ଷବର୍ଷ ଧରି ତପସ୍ୟା କରିଚାଲିଥିବା ସନ୍ୟାସୀ ଜଣେ ଈଶ୍ୱରଙ୍କୁ ଖୋଜିବାର ସମସ୍ତ ଚେଷ୍ଟା କରିଥିଲେ ମଧ୍ୟ ସେ ଈଶ୍ୱରଙ୍କୁ ପାଇପାରିନଥିଲେ । ସେ ବିବ୍ରତ ହୋଇ ଘନଜଙ୍ଗଲ ମଧ୍ୟରୁ ବାହାରକୁ ଫେରିଆସୁଥିବା ସମୟରେ ଜଣେ ଦୋକାନଦାରଙ୍କୁ ଗୋଟେ ଛୋଟ ଟୁଙ୍ଗି ଦୋକାନମଧ୍ୟରେ ବସିଥିବାର ଦେଖିଥିଲେ ଏବଂ ସେ ବ୍ୟକ୍ତି ଜଣକ ବହୁତ ଶାନ୍ତଚିତ୍ତ, ତୃପ୍ତ ଓ ଖୁସିଥିବାର ଜଣାପଡୁଥିଲେ । ସନ୍ୟାସୀ ଜଣକ ସେ ଦୋକାନପାଖରେ ଅଟକିଯାଇ ତାଙ୍କୁ ପଚାରିଥିଲେ କି ତୁମର ଏତେ ଖୁସିର କାରଣ କଣ ? ଦୋକାନଦାର ଖୁସିର ସହିତ ଉତ୍ତର ଦେଇଥିଲେ ଯେ ରାମ ରାମ । ଏହାଶୁଣି ସନ୍ୟାସୀ ଜଣକ ଭାବିଥିଲେ ଯେ ଏ ଦୋକାନଦାର ବୋଧହୁଏ ଈଶ୍ୱରଙ୍କୁ ପାଇଯାଇଛି, ତେଣୁ ସେ ଏତେ ଶାନ୍ତ ଓ ଖୁସିର ଅନୁଭବ କରିପାରୁଛି । ସନ୍ୟାସୀ ଜଣକ ତାହା ଜାଣିବାକୁ ଚେଷ୍ଟାକରିବାକୁ ଯାଇ ଦୋକାନର କେଉଁସ୍ଥାନରେ ସେ ଈଶ୍ୱରଙ୍କୁ ରଖିଛନ୍ତି, ସେ ବିଷୟରେ ପ୍ରଶ୍ନକରିବାକୁ ଲାଗିଲେ । ସେ ଦୋକାନରେ ଥିବା ପାତ୍ରଗୁଡିକରେ କଣ ଅଛି ବୋଲି ପ୍ରଶ୍ନ କଲେ । ପ୍ରଥମ ପାତ୍ରଟିରେ ଚାଉଳ, ଦ୍ୱିତୀୟ ପାତ୍ରରେ ଡାଲି, ତୃତୀୟ ପାତ୍ରରେ ହଳଦୀ ଇତ୍ୟାଦି

କହିଚାଲିଲେ ଏବଂ ସନ୍ୟାସୀ ପଚାରିଲେ କି ଶେଷ ପାତ୍ରଟିରେ କଣ ଅଛି ? ଏହାର ଉତ୍ତରଦେଇ ଦୋକାନୀ କହିଉଠିଥିଲେ ଯେ ଏଥିରେ 'ରାମରାମ' ଅଛନ୍ତି । ପାତ୍ରଟି ଖାଲିଥିବାର ଦେଖି ସନ୍ୟାସୀ ଜଣକ ଖୁବ୍ ରାଗିଥିଲେ ଏବଂ କହି ଉଠିଲେ ଯେ ପାତ୍ରଟି ଖାଲିଅଛି କିନ୍ତୁ ତୁମେ କହିଚାଲିଛ ଯେ ଏଥିରେ 'ରାମରାମ' ଅଛନ୍ତି ବୋଲି । ତୁମେ ମୋତେ ଥଟ୍ଟା କରୁଛ । ଦୋକାନୀ ଜଣକ ଶାନ୍ତ ସରଳ ଭାବରେ କହିଥିଲେ ନା, ମହାନୁଭବ, ମୁଁ ଥଟ୍ଟା କରୁନାହିଁ । ମୁଁ ସତ୍ୟ କହୁଛିଯେ ଏଥିରେ 'ରାମରାମ' ଅଛନ୍ତି । ସେଥି ଲାଗିତ ପାତ୍ରଟି ଖାଲି । ଈଶ୍ୱର ଏକ ଅନୁଭୂତି । ଯେଉଁ ହୃଦୟରେ ହିଂସା, ଦ୍ୱେଷ, କ୍ରୁରତା ଇତ୍ୟାଦି ନଥାଏ ଓ ସେ ସମ୍ପୂର୍ଣ ଖାଲିଥାଏ, ସେଥିରେ ହିଁ ଈଶ୍ୱର ବାସ କରନ୍ତି । ଏତେବର୍ଷ ତପସ୍ୟାକରି ସେ ସନ୍ୟାସୀ ଜଣକ ନିଜର ହୃଦୟରେ ଅହଂକାର ଓ ରାଗକୁ ଭରିଦେଇଥିବାରୁ ତାଙ୍କୁ ଈଶ୍ୱର ମିଳିନଥିଲେ ।

ମୁଁ ଆପଣମାନଙ୍କୁ କେବଳ ଏତିକି କହିବାକୁ ଚାହୁଁଚିଯେ ଏ ଯୁବାବସ୍ଥାରେ ନିଜର ଶୁଦ୍ଧ ଚରିତ୍ର ଗଠନ କରନ୍ତୁ; ହୃଦୟରୁ ଅହଂକାର ଓ ହିଂସାର ଭାବ ଦୂରେଇ ରଖି ଏ ମହାନ ଦେଶର ପୌରାଣିକ ଓ ଐତିହାସିକ ଜ୍ଞାନର ଭଣ୍ଡାରରୁ ଜ୍ଞାନ ଗ୍ରହଣକରି ଦେଶର ସଂସ୍କୃତିକୁ ଆହୁରି ଉତ୍କୃଷ୍ଟ କରନ୍ତୁ । ଏଥିସହିତ ମୁଁ ବେଦାଂଶୀ ଆପଣମାନଙ୍କର ପୂର୍ଣ୍ଣରୂପରେ ସହଯୋଗ କରିପାରିବି ବୋଲି ବିଶ୍ୱାସ ରଖି ମୋର ପ୍ରାର୍ଥୀତ୍ୱ ସ୍ୱୀକାର କରୁଛି । ଛାତ୍ରମଣ୍ଡଳୀ ବେଦାଂଶୀଙ୍କର ଏପ୍ରକାର ଜ୍ଞାନ ଓ ଭାବନା ଦ୍ୱାରା ପ୍ରଭାବିତ ହୋଇଉଠିଥିଲେ ଏବଂ ଜୋରଜୋରରେ ତାଳିର ସହିତ ସ୍ୱାଗତ କରିଥିଲେ । ନିର୍ବାଚନର ପରିଣାମ ଦିନ ବେଦାଂଶୀ ଏତେ ସଂଖ୍ୟାରେ ଭୋଟ ପାଇଥିଲେ ଯେ ପ୍ରାୟ ଲାଗେକି ତାଙ୍କର ବିପକ୍ଷ ପ୍ରାର୍ଥୀ ନିଜର ଭୋଟ ମଧ୍ୟ ବେଦାଂଶୀଙ୍କୁ ଦେଇଥିଲେ । ଏଥର ସେ ମହାବିଦ୍ୟାଳୟର ଇତିହାସରେ ଜଣେ ଚରିତ୍ରବାନ ଓ ଗୁଣୀ ପ୍ରାର୍ଥୀ ବିଜୟୀ ହୋଇଥିଲେ । ସେହିଦିନ ଓ ସେହି ସଭାମଣ୍ଡଳୀରେ ଜଣେ ଛାତ୍ର ଉପସ୍ଥିତ ଥିଲେ । ସେ ସେହି ମହାବିଦ୍ୟାଳୟର ବିଜ୍ଞାନ ବିଭାଗର ଛାତ୍ର । ନାଁଟି ଥିଲା ଲୋହିତାକ୍ଷ । ସେ ବେଦାଂଶୀଙ୍କର ସୌନ୍ଦର୍ଯ୍ୟ, ଭାବ, ଭଙ୍ଗୀ ଓ ଜ୍ଞାନର ପ୍ରଭାବରେ ପୂର୍ଣ୍ଣରୂପରେ ପ୍ରଭାବିତ ହୋଇଥିଲେ । ସେ ଏପରି କନ୍ୟାର ଦର୍ଶନ କରିଥିଲେଯେ ସତେକି ପୁରାଣପୃଷ୍ଠାର ସୀତା କି ସରସ୍ୱତୀ । ଆଜିର ସମୟରେ ଏପ୍ରକାର ସୁନ୍ଦର ହୃଦୟଧାରୀ ଓ ବିଚାରଧାରୀ କନ୍ୟା ଅଛନ୍ତି ବୋଲି ଭାବି

ପାରୁନଥିଲେ । ସେ ବେଦାଂଶୀଙ୍କର ସୌନ୍ଦର୍ଯ୍ୟରେ ବିମୋହିତ ହୋଇଯାଇଥିଲେ । କିଛି ସମୟ ବିତିଗଲାପରେ ସେ ନିଜକୁ ପୂର୍ଣ୍ଣରୂପରେ ବେଦାଂଶୀଙ୍କ ଯୋଗ୍ୟ କରିପାରିବେ ବୋଲି ବିଶ୍ୱାସ ଧରି ପରିଶ୍ରମ କରିଚାଲିଥିଲେ । ମହାବିଦ୍ୟାଳୟର ଏକ କାର୍ଯ୍ୟକ୍ରମ ସମୟରେ ବେଦାଂଶୀଙ୍କୁ ପଛରୁ ଡାକିଦେଇଥିଲେ । ଏକ ସହପାଠୀ ଭାବି ବେଦାଂଶୀ ଅଟକିଯାଇଥିଲେ ଏବଂ ବୁଲି ଦେଖିଥିଲେ ଜଣେ ଭଦ୍ର ଯୁବକ; ସେ ତତ୍କାଳିତ ପଚାରିଥିଲେକି କଣ କିଛି ସାହାଯ୍ୟ ଆବଶ୍ୟକ ? ଭଦ୍ର ସୁନ୍ଦର ଯୁବକ ଜଣକ ଗୋଟେ କାଗଜ ବଢାଇଦେଇ ଚାଲିଯାଇଥିଲେ । ବେଦାଂଶୀ ସେ କାଗଜଟିକୁ ବହି ମଧ୍ୟରେ ରଖି ଆଗେଇ ଯାଇଥିଲେ ଏବଂ ଏବିଷୟରେ ସେ ଧ୍ୟାନ ଦେଇନଥିଲେ । କିଛିଦିନପରେ ସେ ମହାବିଦ୍ୟାଳୟରେ ଥିବା ସମୟରେ ସେ ଯୁବକ ଜଣକୁ ତାଙ୍କର ବିଭାଗୀୟ ଅଞ୍ଚଳରେ ଆଗପଛ ବୁଲୁଥିବାର ଦେଖିଥିଲେ । ତେଣୁ ସେ ହଠାତ୍ ମନେପକାଇ ପାରିଥିଲେ ଯେ ସେ ଯୁବକ ତାଙ୍କୁ ଗୋଟେ କାଗଜ ଦେଇଥିଲେ । ବହି ମଧ୍ୟରୁ ସେ କାଗଜଟି ବାହାରକରି ଦେଖିବାକୁ ଲାଗିଲେ । ସାଧାରଣତଃ ଏପରି ସମୟରେ ଯୁବକମାନେ ପ୍ରେମପତ୍ର ଦେଇଥାନ୍ତି କିନ୍ତୁ ଏ ପତ୍ରଟି ପ୍ରେମପତ୍ର ନଥିଲା । ଯୁବକ ଜଣକ ନିଜର ନାଁ ଲୋହିତାକ୍ଷ ବୋଲି ଲେଖିଥିଲେ । ସେ ଚିଠିଟି ଦ୍ୱାରା କେବଳ ତାଙ୍କର ମନର ଭାବନା ଜାତକରିଥିଲେ । ସେ ଲେଖିଥିଲେ ଯେ ବେଦାଂଶୀ, ଈଶ୍ୱର ତୁମକୁ ସୁନ୍ଦର ରୂପ ସହିତ ଏକ ଜ୍ଞାନରେ ପରିପୂର୍ଣ୍ଣ ମସ୍ତିଷ୍କ ଓ ଦୟା ଉଦାରତାରେ ପୂର୍ଣ୍ଣ ହୃଦୟ ମଧ୍ୟ ଦେଇଛନ୍ତି । ତୁମକୁ ଦେଖିଲେ ଲାଗେ ଯେ ସମ୍ମୁଖରେ ଦେବୀ ସୀତା ବା ମା ସରସ୍ୱତୀ ସ୍ୱୟଂ ବିରାଜମାନ । ବେଦାଂଶୀଙ୍କର ଏକ ଧାରଣା ଥିଲାଯେ ଆଧୁନିକ ସମୟରେ ଯୁବକମାନେ କେବଳ ରୂପ ଦେଖି ଟିପ୍ପଣୀ ଦେବାକୁ ଭଲପାଆନ୍ତି । ତାଛଡା କୌଣସି ପ୍ରକାର ଯୁବତୀମାନଙ୍କୁ ନିଜର ବାନ୍ଧବୀ କରିବେ, ସେପ୍ରକାର ଭ୍ରାନ୍ତ ଚିନ୍ତାଧାରା ନେଇ ଆସିଥାନ୍ତି । କିନ୍ତୁ, ଲୋହିତାକ୍ଷଙ୍କର ନାରୀପ୍ରତି ସମ୍ମାନ ଦେଖି ବେଦାଂଶୀ ଖୁବ୍ ଖୁସି ଅନୁଭବ କରିଥିଲେ ।

ମିଶ୍ର ପରିବାରର ଅନ୍ୟ ଗୋଟେ ସଂସ୍କାର ଅତି ଆଦରଣୀୟ ଥିଲା । ତାହାଥିଲା ଯେ ପିତାମହ ବୃହସ୍ପତି ସମେତ ସମସ୍ତ ସଦସ୍ୟମାନେ ରାତ୍ରି ଭୋଜନ ଏକ ସାଥିରେ ଗ୍ରହଣ କରିଥାନ୍ତି ଏବଂ ସେଦିନରେ ନିଜ ଜୀବନରେ ଘଟିଥିବା ମହତ୍ୱପୂର୍ଣ୍ଣ ଘଟଣାବଳୀକୁ ସତ୍ୟରୂପରେ ପ୍ରକାଶ କରିଥାନ୍ତି ।

ଘଟଣାଟି ଭଲ କି ଖରାପ ହୋଇଥାଉ, ପରିଣାମକୁ ତ୍ୟାଗକରି ସତ୍ୟବଚନବାଦି ହୋଇ ପୂର୍ଣ୍ଣ ବର୍ଣ୍ଣନା କରିବା ଏକ ନିୟମ । ବାଲ୍ୟକାଳରୁ ବେଦାଂଶୀ ଏହି ସଂସ୍କାର ମଧ୍ୟରେ ବଢିଆସିଥିବାରୁ ସେ ରାତ୍ରୀ ଭୋଜନ ସମୟରେ ନିଃସଙ୍କୋଚରେ ଲୋହିତାକ୍ଷ ଦ୍ୱାରା ଲିଖିତ ପତ୍ର ବିଷୟରେ ସମସ୍ତଙ୍କୁ ଅବଗତ କରାଇଥିଲେ । ପିତାମହ ବୃହସ୍ପତି ଏହା ଶୁଣି କହିଲେ ଯେ ଯଦି ଏ ପିଲାଟି ସତ୍ୟବଚନ ଲେଖିଥାଏ, ତାହେଲେ ମଧ୍ୟ ଆଜିର ସମୟରେ ସତ୍ ଚରିତ୍ର ଓ ହୃଦୟବାନ ଯୁବକ ଅଛନ୍ତି । ଯଦି ମିଥ୍ୟା ଥାଏ, ତାହେଲେ ବେଦାଂଶୀ ସତର୍କତା ଅବଲମ୍ବନ କରିବା ଉଚିତ । ପିତାମାତା ବେଦାଂଶୀଙ୍କୁ ସତର୍କତାର ସହିତ ମହାବିଦ୍ୟାଳୟରେ ରହିବାକୁ ଉପଦେଶ ଦେଇଥିଲେ । ହଠାତ୍ ବେଦାଂଶୀଙ୍କ ସାନଭାଇ 'ବୀମାନ' କହିଥିଲେ ଯେ ନାନୀ, ଲୋହିତାକ୍ଷ ତୋତେ ବୋଧେ ପସନ୍ଦ କରୁଛନ୍ତି । ଏହା ଶୁଣି ବେଦାଂଶୀ ତାକୁ ସେଠୁ ଦୂରକୁ ଟାଣି ଟାଣି ନେଇଯାଇଥିଲେ ଏବଂ ଚୁପ୍ କରାଇ ଦେଇଥିଲେ । ଏହି ଶବ୍ଦଟି କିନ୍ତୁ ପିତାମହଙ୍କ କର୍ଣ୍ଣରେ ବାଜିଯାଇଥିଲା ଏବଂ ସେ କିଛିକ୍ଷଣ ପାଇଁ ଚିନ୍ତିତ ହୋଇଯାଇଥିଲେ । ପୁରାତନ ଖୟାଲର ବ୍ୟକ୍ତିତ୍ୱ, ନିଜର କନ୍ୟାର ସୁରକ୍ଷା ତାଙ୍କପାଇଁ ସର୍ବୋତ୍ତମ,ତେଣୁ ଚିନ୍ତାଶୀଳ ହେବା ସ୍ୱାଭାବିକ ।

ସମୟର ସହିତ ଏ ଜଣାପଡିଥିଲା ଯେ ଲୋହିତାକ୍ଷଙ୍କର ବ୍ୟବହାର, ଆଚାର ବିଚାର ଓ ପ୍ରକୃତି ସର୍ବଦା ସତ୍ୟବାଦୀ. ତେଣୁ ସେ ଛଳ-କପଟ ସହିତ ବେଦାଂଶୀଙ୍କୁ ପତ୍ର ଲେଖିନଥିଲେ । ମହାବିଦ୍ୟାଳୟର ସମୟମଧ୍ୟରେ ଲୋହିତାକ୍ଷ ସହିତ ସମ୍ପର୍କ ବଢିଚାଲିଥିଲା ଏବଂ ଧୀରେଧୀରେ ବୀମାନ କହିଥିବା ଭବିଷ୍ୟବାଣୀ ସତ୍ୟରୂପରେ ଆଖି ଆଗକୁ ଆସିଥିଲା । ଶେଷବର୍ଷରେ ମହାବିଦ୍ୟାଳୟର ନିକଟସ୍ଥ 'ପୋବଳ ହ୍ରଦ'ର କୂଳରେ ଲୋହିତାକ୍ଷ ନିଜର ହୃଦୟର ଭାବନା ବେଦାଂଶୀଙ୍କୁ ପ୍ରକାଶ କରିଥିଲେ । ସେଦିନ ଥିଲା ଚଉଦ ଫେବୃଆରୀ ୨୦୧୦ । ବେଦାଂଶୀ ସେଦିନ ଯେ ଅଠର ବର୍ଷର ହୋଇଯାଇଥିଲେ ଏବଂ ତା ସହିତ ଭାଲେଣ୍ଟାଇନ ଦିବସର ଶୁଭ ଅବସର । ମହାବିଦ୍ୟାଳୟରେ କେତେ ପିଲା ଯେ ବେଦାଂଶୀଙ୍କ ପଛରେ ପଡ଼ିଥିଲେ, କିନ୍ତୁ ସେ ସେମାନଙ୍କ ମଧ୍ୟରେ ସତ୍ୟବାଦୀ ଲୋହିତାକ୍ଷଙ୍କୁ ହିଁ ପସନ୍ଦ କରିଥିଲେ କାରଣ ସେ ଅନ୍ତରରୁ ସୁନ୍ଦରଥିଲେ ବୋଲି ବେଦାଂଶୀ ଅନୁଭବ କରିଥିଲେ । ନିଜକୁ ବଡ଼ ଭାଗ୍ୟଶାଳୀ ଭାବି ସେ ଲୋହିତାକ୍ଷଙ୍କର ସେ ସୁନ୍ଦର ଗୋଲାପଟି

ସ୍ୱୀକାର କରିଥିଲେ । ଛୋଟ ସହରର ଏହା ମଧ୍ୟ ଏକ ପ୍ରକୃତି ଯେ ଖବରଟି ବହୁତ ଶୀଘ୍ର ସମସ୍ତଙ୍କୁ ଜଣାପଡ଼ିଯାଏ । ଧୀରେ ଧୀରେ ଯେଉଁ ବ୍ୟକ୍ତିମାନେ ବେଦାଂଶୀଙ୍କୁ ଜାଣିଥିଲେ, ସେମାନେ ମଧ୍ୟ ଲୋହିତାକ୍ଷଙ୍କୁ ଜାଣିବାର ସୁଯୋଗ ପାଇଥିଲେ । ସେହିଦିନ ହିଁ ବେଦାଂଶୀ ନିଜର ଜନ୍ମଦିନର ଶୁଭ ଅବସରରେ ଲୋହିତାକ୍ଷଙ୍କୁ ନିଜର ପରିବାରର ସମସ୍ତ ସଦସ୍ୟଙ୍କ ସହିତ ପରିଚୟ କରିବାକୁ ନିମନ୍ତ୍ରଣ କରିଥିଲେ ।

ଲୋହିତାକ୍ଷ ସତ୍ୟବାଦୀ ଥିଲେ ମଧ୍ୟ ସେ ଭୟର ସାମ୍ନାକରିବାକୁ କେବେବି ଭଲ ପାଉନଥିଲେ । ସେ ଡରି ଡରି ବେଦାଂଶୀଙ୍କର ଘରେ ପହଞ୍ଚିଥିଲେ । ପିତାମହ ବୃହସ୍ପତିଙ୍କର ତୀକ୍ଷଣ ନଜର ତାଙ୍କୁ ଆହୁରି ଅଧିକ ଭୟଭୀତ କରିଚାଲିଥିଲା । ଏପଟେ ସେହି ମହାବିଦ୍ୟାଳୟର ଅଧ୍ୟାପକ ସାଧବ ସାର୍ ମଧ୍ୟ କଟୁ ଦୃଷ୍ଟିରେ ଦେଖିବା ଆରମ୍ଭ କରିଦେଲେ । କିନ୍ତୁ ତାଙ୍କର ଏକମାତ୍ର ସହାୟକ ଥିଲେ ବୀମାନ । ପରିବାରର ସଦସ୍ୟମାନେ ଲୋହିତାକ୍ଷଙ୍କର ପରିବାର ବିଷୟରେ ସବୁତଥ୍ୟ ସଂଗ୍ରହ କରିଚାଲିଥିଲେ । ବୃହସ୍ପତିଙ୍କର ବିଶ୍ଳେଷଣ ହିସାବରେ ଏହା ଜଣାପଡୁଥାଏ ଯେ ଲୋହିତାକ୍ଷଙ୍କର ପିତା ଏକ ବିଜିନେସମ୍ୟାନ ହୋଇଥିବାରୁ, ସେ ପୁତ୍ର ସ୍ନେହ ଓ ମମତାକୁ ବୋଧେ ଧ୍ୟାନ ଦିଅନ୍ତିନାହିଁ । ଏହା ଭବିଷ୍ୟତରେ ଏକ ବଡ଼ ବିପଦର ସଂକେତ । କିନ୍ତୁ ସମୟ ଥାଉ ଥାଉ ଯଦି କିଛି ପ୍ରତିକାର କରାଯାଏ, ହୁଏତ ଏ ବିପଦ ଟଳିଯାଇପାରେ । ପିତାମହଙ୍କର ଏପ୍ରକାର ବଚନ ଶୁଣି କାବ୍ୟାଞ୍ଜଳି ଓ ସାଧବ ବହୁତ ବ୍ୟସ୍ତ ହୋଇଗଲେ । କାରଣ ପ୍ରତ୍ୟେକ ମାତାପିତା କନ୍ୟାର ଭବିଷ୍ୟତକୁ ସର୍ବୋଚ୍ଚ ପ୍ରାଧାନ୍ୟ ଦେଇଥାନ୍ତି ଏବଂ ସେ କୌଣସି ବିପଦରେ ପଡିବାକୁ ଚାହାନ୍ତିନାହିଁ । ସେମାନେ ଯେ କେଉଁ ପ୍ରକାରର ପ୍ରତିକାର କରିପାରିବେ ? ଏହା ଭାବିଭାବି ଉଭୟ ମାତାପିତା ଦୁଇଜଣ ରାତ୍ରି ଅନିଦ୍ରା ।

କଲେଜ ସରିବାକୁ ଆସିଲା । ପୁତ୍ରର ପାଠପଢା ସରିବାପରେ ହଠାତ୍ ଦିନେ ଲୋହିତାକ୍ଷର ପିତା ତାଙ୍କୁ ଫୋନକରି ଦିଲ୍ଲୀ ଡ଼କାଇଥିଲେ । ଏତେ ଶୀଘ୍ର ଦିଲ୍ଲୀ ଫେରିବା ପାଇଁ କାରଣ ପଚାରିବାରୁ ସେ କହିଥିଲେ ଯେ ତୋର ଏବେ ପାଠପଢା ସରିଗଲା ଏବଂ ଏଠିକୁ ଆସି ବ୍ୟାପାର ବଣିଜ ସମ୍ଭାଳିବାର ସମୟ ଆସିଗଲା । ତାଛଡା ଆମେମାନେ ତୋର ବିବାହ ଠିକ୍ କରିସାରିଛୁ । ଖୁବ୍

ସୁନ୍ଦର ପରିବାର, ଶିକ୍ଷିତ ଝିଅ, ତାଛଡା କନ୍ୟାଘର ମଧ୍ୟ ଆମମାନଙ୍କପରି ବେପାରୀ । ବିଭାଘର ପାଇଁ ନଗଦ ହିସାବରେ ପ୍ରାୟ ପଚାଶଲକ୍ଷ ଟଙ୍କା ଦେବେ । ତାଙ୍କର ମାତ୍ର ଗୋଟେ ଝିଅ, ତେଣୁ ତାଙ୍କର ସବୁ ବ୍ୟାପାରଯେ ଭବିଷ୍ୟତରେ ତୋର ହୋଇଯିବ । କିଛି ଚିନ୍ତା ନକରି ମୋର ଆଦେଶ ହିସାବରେ ଶୀଘ୍ର ଆସି ଦିଲ୍ଲୀରେ ପହଞ୍ଚିବାକୁ ଚେଷ୍ଟା କର । ବିବାହର ତାରିଖ ମଧ୍ୟ ଠିକ୍ ହୋଇଯାଇଛି ।

କ୍ରମଶଃ........

**ବାଲିପାଟଣା, ପଟ୍ଟାମୁଣ୍ଡାଇ**

# ଅସମ୍ପୂର୍ଣ୍ଣ ଆଶା

**ଦେବୀ ପ୍ରସାଦ ସ୍ୱାଇଁ**

ସମୟକ୍ରମେ କିଛି ଶାରୀରିକ ଅସୁସ୍ଥତା କାରଣରୁ ଭକ୍ତ ନିଜର ଚାଟଶାଳୀ ପାଠ ଦୁଇ ବର୍ଷ ବିଳମ୍ବରେ ତଥା ୭ ବର୍ଷ ବୟସରେ ଆରମ୍ଭ କଲା I ଛୋଟପିଲା ହେଲେ ହେଁ ନିଜର ଉତ୍ତମ ବୁଦ୍ଧିଜ୍ଞାନ ଯୋଗୁଁ ସେ ସମସ୍ତଙ୍କର ଆଦରର ପାତ୍ର ଥିଲା I ତା'ର ଶିକ୍ଷକମାନଙ୍କ ପ୍ରତି ଯଥେଷ୍ଟ ସମ୍ମାନ ଥିଲା I ମେଳାପି ଗୁଣ ଯୋଗୁଁ ଖୁବ୍ କମ୍ ସମୟ ମଧ୍ୟରେ ସେ ଅନ୍ୟର ପ୍ରିୟଭାଜନ ହୋଇପାରୁଥିଲା I ସେତେବେଳ ଭକ୍ତ ପଞ୍ଚମ ଶ୍ରେଣୀରେ ପଢୁଥାଏ I ଏକଦା ଶିକ୍ଷକ ତା'ର ଓଡିଆ ସାହିତ୍ୟପ୍ରତି ଥିବା ଦୁର୍ବଳତାକୁ ଦେଖି ଶ୍ରେଣୀରେ ତାକୁ ଓଡିଆର ଗୋଟିଏ ବିଷୟ ପଠାଇବାକୁ କହିଲେ, ଏହା ଶୁଣି ଭକ୍ତର ଖୁସି କହିଲେ ନସରେ ! ସେ ବି ଏମିତି ଗୋଟିଏ ସୁଯୋଗ ଅପେକ୍ଷାରେ ଥିଲା ଯଦ୍ୱାରା ସେ ନିଜର ସାହିତ୍ୟକ ଜ୍ଞାନର ପରିପ୍ରକାଶ କରିପାରିବ I କିଛି ସମୟପରେ ତା'ର ବିଷୟ ବର୍ଣ୍ଣନାଶୈଳୀ ସାଙ୍ଗକୁ ପଢାଇବାର କୌଶଳ ଦେଖି ଶିକ୍ଷକ ଆଶ୍ଚର୍ଯ୍ୟ ହୋଇଯାଇଥିଲେ I ଏତେ କମ୍ ବର୍ଷର ପିଲା ଏତେ ଜ୍ଞାନ କଉଠୁ ପାଇଲା I ଏହି ପିଲା ଦିନେ ଉଚ୍ଚଶିକ୍ଷା ଲାଭକରି ବଡମଣିଷ ହେବ, ନିଶ୍ଚିନ୍ତ ଗାଁର ନାଁ ରଖିବ ବୋଲି ଶିକ୍ଷକ ମନେ ମନେ ଭାବିଲେ I କିନ୍ତୁ ବିଧିର ବିଡମ୍ବନା ଥିଲା ବଡ ବିଚିତ୍ର I ବୋଧେ ଉଚ୍ଚଶିକ୍ଷା ଲାଭ ତା' ଭାଗ୍ୟରେ ନଥିଲା I ଶ୍ରାବଣ ମାସର ସେ ବର୍ଷାଭିଜା କାଳରାତ୍ରି ଯେ ସେହି କୋମଳ ନିଷ୍ପାପ ବାଳକ ଜୀବନରେ କଳା ମେଘର ବାଦଲ ଢାଙ୍କି ଦେବ ଏହା କାହାକୁ ଜଣା ନଥିଲା I

ସେତେବେଳେ ଭକ୍ତ ପଞ୍ଚମଶ୍ରେଣୀର ବାର୍ଷିକ ପରୀକ୍ଷା ଲାଗି ପ୍ରସ୍ତୁତି ଚଲାଉଥାଏ I ସଂଗ୍ରାମବାବୁ ବି ୫୮ ବର୍ଷ ବୟସରେ ଚାକିରିରୁ ଅବସର ନେଇ ବେଶ ଖୁସିରେ ଥା'ନ୍ତି I ଅବସର ଯୋଗୁଁ ଗାଁର ମୁଖିଆ ଦାଇତ୍ୱ ଠିକ୍ ସେ ତୁଲେଇ ହେବ ବୋଲି ମନେ ମନେ ଭାବୁଥାନ୍ତି I ହଠାତ୍ ଦିନେ ସଂଗ୍ରାମବାବୁଙ୍କ ଦେହ ଅସୁସ୍ଥ ହେବାରେ ଲାଗିଲା I ପୂର୍ବରୁ ତା'ଙ୍କର ପେଟ ବେମାର ଥିଲା କିନ୍ତୁ ଏଥର ତାହା ଅଧିକ ଯନ୍ତ୍ରଣାଦାୟକ ଥିଲା I କୌଣସି ଔଷଧ ଦ୍ୱାରା ଉପଶମ ହେଲା ନାହିଁ I

ପାଖ ଗ୍ରାମର ବୈଦ୍ୟରାଜଙ୍କର ଅକ୍ଳାନ୍ତ ପରିଶ୍ରମ ଅସଫଳ ହେଲା  । ବହୁ କଷ୍ଟ ଯନ୍ତ୍ରଣା ପାଇବା ପରେ ସଂଗ୍ରାମବାବୁ ସବୁଦିନ ଦିନ ପାଇଁ ଆଖିବୁଜି ଦେଲେ   ।  ହସ ଖୁସିରେ ଥିବା ମୁଖିଆ ପରିବାର ଉପରେ ସତେ ଯେମିତି ଦୁଖଃର ଲହଡି ମାଡି ଆସିଲା  । ଗାଁରେ ଶୋକର ଛାୟା ଖେଳିଗଲା  । ବନ୍ଧୁବାନ୍ଧବ ତା'ଙ୍କ ଅକାଳ ବିୟୋଗରେ ମର୍ମାହତ ହେଲେ । ଏତେ ସବୁ ଘଟଣା ଘଟି ଯାଇଥିଲେ ମଧ୍ୟ, ଭକ୍ତ ଏସବୁକୁ ବିଶ୍ୱାସ କରିପାରୁନଥିଲା । କ୍ରମଶଃ ଏହିସବୁ  ଘଟଣା ତା'କୁ  ବହୁତ ମାନସିକ ଆଘାତ ଦେଲା । ସମୟକ୍ରମେ ପିତୃ ବିୟୋଗଜନିତ ମାନସିକ ଦୁଶ୍ଚିନ୍ତା ଓ ନିଜର ଶାରୀରିକ ଅସୁସ୍ଥତା ଭକ୍ତର ଶିକ୍ଷାଲାଭ କ୍ଷେତ୍ରରେ ମୁଖ୍ୟ ଅନ୍ତରାୟ ହେଲା  । ମାତ୍ର ୧୩ ବର୍ଷ ବୟସରେ ତା'ର ଛାତ୍ରଜୀବନର ଯବନିକା ପଡିଲା  ।

ଇତି ମଧ୍ୟରେ ସଂଗ୍ରାମବାବୁଙ୍କ ମୃତ୍ୟୁର ଛଅ ମାସ ପୂର୍ବରୁ ତାଙ୍କର ଦ୍ୱିତୀୟ ପୁତ୍ରର ଜନ୍ମ ହୋଇସାରିଥାଏ । ଏବେ ଭକ୍ତହିଁ ଏକମାତ୍ର ସାହାଭରସା ସେ ବିଧବା ମା ଓ ସାନଭାଇର  । ପରିବାରର ସମସ୍ତ ଭରଣ ପୋଷଣ ଦାଇତ୍ୱ ଏବେ ତା ମୁଣ୍ଡରେ   । ସମ୍ପର୍କୀୟ ମାନଙ୍କ ସାହାଯ୍ୟରେ ନିଜ ଚାଷ ଜମିରେ ଚାଷକରି ଉପାର୍ଜିତ ଅର୍ଥରେ ପରିବାର ଚଳାଇବା ଛଡା ତା ପାଖରେ ଅନ୍ୟ ଉପାୟ ନଥିଲା । କୋମଳ ବୟସରେ ହାତରେ କଲମ ଧରିବା ପିଲା ନିଜର ସବୁ ସୁଖ ଶାନ୍ତିକୁ ଜଳାଞ୍ଜଳି ଦେଇ ହାତରେ ଲଙ୍ଗଳ ଧରି ନିଜର ଦାଇତ୍ୱବୋଧର ପରିଚୟ ଦେଲା । ହେଲେ କଥାରେ ଅଛି ଅଦମ୍ୟ ଚେଷ୍ଟା ଓ ଅକ୍ଳାନ୍ତ ପରିଶ୍ରମ ଆଗରେ ଭାଗ୍ୟ ବି ହାର ମାନେ; ଶିକ୍ଷା କେବଳ ବିଦ୍ୟାଳୟ ଭିତରେ ସୀମିତ ନୁହେଁ; ପ୍ରତିଭାରୂପକ ପଦ୍ମ ସାତ ତାଳ ପଙ୍କ ଭିତରୁ ବି ଫୁଟି ବାହାରେ; ଏହି ସବୁ ଉକ୍ତିର ପ୍ରମାଣ ବୋଧେ ଜଣାଥିଲା ଭକ୍ତକୁ  ।

କ୍ରମଶଃ......

**ଢେଙ୍କାନାଳ**

ପ୍ରିୟ ପାଠକ ଓ ପାଠିକା,

- ପ୍ରେରଣା ଇ-ପତ୍ରିକାର ଏହା ସପ୍ତମ ସଂସ୍କରଣ I ଏହି ଅପ୍ରେଲ ସଂସ୍କରଣଟି ଆପଣଙ୍କୁ କିପରି ଲାଗିଲା ଆମକୁ ନିଶ୍ଚିନ୍ତ ଜଣାନ୍ତୁ I
- ପ୍ରିୟ ଲେଖକ/ଲେଖିକା ମାନଙ୍କୁ ଉତ୍ସାହିତ କରିବା ପାଇଁ ତଥା ପତ୍ରିକାକୁ ଅଧିକ ସରସ ସୁନ୍ଦର କରିବାରେ ଆପଣଙ୍କ ସୁଚିନ୍ତିତ ମତାମତ ନିତ୍ୟାନ୍ତ ଆବଶ୍ୟକ I
- ପ୍ରକାଶନରେ ହୋଇଥିବା କୌଣସି ତ୍ରୁଟି ଆମକୁ ଜଣାଇଲେ ପରବର୍ତ୍ତୀ ସଂସ୍କରଣରେ ତା'ର ମାର୍ଜନା ପ୍ରତି ଯତ୍ନବାନ ହେବୁ I

ଆପଣଙ୍କ ମତାମତ ପ୍ରେରଣା ୱେବସାଇଟରେ *www.preranaodia.com/feedback* ପ୍ରଦାନ କରିବାକୁ ଅନୁରୋଧ I

**www.preranaodia.com**